୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.92 Bhubaneswar Friday May 17 2024 | ୨୬ତମ ବର୍ଷ ସଂଖ୍ୟା–୯୨ ଭୁବନେଶ୍ୱର, ଶୁକ୍ରବାର, ମଇ ୧୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଫସିଗଲେ କି ବବି: ଦୂରେଇଲାଣି ବିଜେଡି, ଭୋଗିପାରନ୍ତି କଳ୍ପତରୁଙ୍କ ଦଶା, କେଉଁଠି ଅଛନ୍ତି ବବିଙ୍କ ଡ୍ରାଇଭର ଓ ପିଏସଓ



ଭୁବନେଶ୍ୱର,୧୬।୫(ପି.ଏନ): ବିଜେଡି ସଂଗଠନ ସମ୍ପାଦକ ତଥା ନମ୍ବର–ଥ୍ରୀ ପ୍ରଣବପ୍ରକାଶ ଦାସ ଓରଫ ବବିଙ୍କ ପତିଆରା ଆଉ ପୂର୍ବଭଳି ନାହିଁ କି? ବିଜେଡି ଏବେ ବବିଙ୍କୁ ଦୂରେଇବା ଆରମ୍ଭ କଲାଣି କି? ବବିଙ୍କ ରାଜନୀତିକ କ୍ୟାରିୟରକୁ ସମାପ୍ତ ପାଇଁ ବିଜେଡି କରିଛି କି ବଡ ଷଡଯନ୍ତ୍ର? ନିର୍ବାଚନ ସରିବାପରେ ବବିଙ୍କୁ କଳ୍ପତରୁ ଦାସଙ୍କ ଅବସ୍ଥା ଭୋଗିବାକୁ ପଡିପାରେ କି? ବବିଙ୍କ ଏକ ସାକ୍ଷାତକାରକୁ ବିଜେଡି ପ୍ରାୟୋଜିତ ଟିଭି ଚ୍ୟାନେଲ ନିଜର ସୋସିଆଲ ମିଡିଆ ଆକାଉଣ୍ଟରୁ ହଟାଇ ଦେବା ପରେ ଏଭଳି ଏକାଧିକ ପ୍ରଶ୍ନ ଏବେ ବିଜେଡିର ରାଜନୀତିକ ମହଲରେ ବିଶେଷକରି ବବିଙ୍କ ସମର୍ଥକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି ।ସୂଚନା ଅନୁସାରେ, ବବି ସମ୍ବଲପୁରୀ ସାର୍ଟ ପିନ୍ଧିବାଠୁ ଆରମ୍ଭ କରି ସେଠାର ବିଭିନ୍ନ ପର୍ବପର୍ବାଣୀରେ ନିଜକୁ ସାମିଲ କରି ସମ୍ବଲପୁରିଆ ଭଳି ଆଚରଣ କରିବା ସହ ନିଜର ଲୋକସମ୍ପର୍କ ବୃଦ୍ଧି ପାଇଁ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନଙ୍କ ସହାୟତା ବି ନେଉଛନ୍ତି । ଏହାସହିତ ରାଜ୍ୟର ଆଗଧାଡିର ଗଣମାଧ୍ୟମ ସଂସ୍ଥାଗୁଡିକରେ ବି ବବିଙ୍କ ଖବରକୁ ଗୁରୁତ୍ୱ ମିଳୁଛି । ବବିଙ୍କ ଏକ ଅଧଘଣ୍ଟିଆ ସାକ୍ଷାତକାର କାର୍ଯ୍ୟକ୍ରମକୁ ବିଜେଡି ପ୍ରାୟୋଜିତ ଏକ ଟିଭି ଚ୍ୟାନେଲ ପ୍ରସାରିତ କରିଥିଲା । ଗତ ଦୁଇଦିନ ତଳେ ଅର୍ଥାତ୍ ମେ' ୧୪ତାରିଖ ରାତି ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ବବିଙ୍କ ଏହି ସାକ୍ଷାତକାର ସମ୍ପୃକ୍ତ ଟିଭି ଚ୍ୟାନେଲରେ ପ୍ରସାରଣ ହେବା ସହ ଚ୍ୟାନେଲର ସୋସିଆଲ ମିଡିଆ ଆକାଉଣ୍ଟରେ ମଧ୍ୟ ତାହା ଅପଲୋଡ୍ ହୋଇଥିଲା । ମାତ୍ର ଅଚାନକ ବବିଙ୍କ ଏହି ସାକ୍ଷାତକାରକୁ ଚ୍ୟାନେଲ ନିଜର ଉଭୟ ୟୁଟ୍ୟୁବ୍ ଓ ଫେସବୁକରୁ ହଟାଇ ଦେଇଛି । ତେବେ ବିଜେଡିର ନିଜସ୍ୱ ଟିଭି ଚ୍ୟାନେଲ କିଭଳି ଦଳର ତୃତୀୟ ମୁଖ୍ୟଙ୍କ ସାକ୍ଷାତକାରକୁ ହଟାଇଲା ତଥା କାହା ନିର୍ଦ୍ଦେଶରେ ଓ କାହିଁକି ଏହି ସାକ୍ଷାତକାରକୁ ଡିଲିଟ୍ କରାଗଲା ତାହା ଦଳୀୟ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।ନିର୍ବାଚନ କମିଶନଙ୍କ କଡାକଡ଼ି ଯୋଗୁ ଏବେ କେନ୍ଦ୍ରୀୟ ଏଜେନ୍ସୀଗୁଡିକ ନିର୍ବାଚନରେ କଳାଟଙ୍କା କାରବାର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଚର୍ଚ୍ଚା ହେଉଛି, କେନ୍ଦ୍ରୀୟ ଏନଫୋର୍ସମେଂଟ ଏଜେନ୍ସୀ ଗତ ୧୩ତାରିଖରେ ବବିଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ(ସରକାରୀ ପିଏସଓ) ଓ ଡ୍ରାଇଭରଙ୍କଠୁ ପ୍ରାୟ ୫କୋଟି ଟଙ୍କା ଜବତ କରିଛି । ତେବେ ଏହି ଟଙ୍କା କେଉଁଠୁ ଆସିଲା ତା'ର ସନ୍ତୋଷଜନକ ଉତ୍ତର ଦେବାରେ ଉଭୟ ସକ୍ଷମ ହୋଇନଥିବାରୁ ସେମାନଙ୍କୁ ଏବେବି ଅଟକ ରଖାଯାଇଥିବା ଜଣାପଡିଛି । ଅବଶ୍ୟ କେନ୍ଦ୍ରୀୟ ଏଜେନ୍ସୀ ଏପର୍ଯ୍ୟନ୍ତ ଉକ୍ତ ଟଙ୍କା ସମ୍ପର୍କରେ କିଛି ବି ପ୍ରତିକ୍ରିୟା ରଖିନି । ମାତ୍ର ବବିଙ୍କ ସହଯୋଗୀଙ୍କଠୁ ୫କୋଟି ଟଙ୍କା ଜବତ ହେବା ପଛରେ କେହିଜଣେ 'ଗୃହଭେଦୀ ବିଭୀଷଣ' ଭୂମିକାରେ ରହିଥିବା ବବିଙ୍କ ଟିମ୍ ସନ୍ଦେହ କରୁଛି । ଏହି ୫କୋଟି ଟଙ୍କା ସମେତ କେନ୍ଦ୍ରୀୟ ଏଜେନ୍ସୀ ଏବେ ବିଜେଡିର ପାଣ୍ଠି କାରବାର କରୁଥିବା କିଛି ବ୍ୟକ୍ତିଙ୍କୁ ସ୍କାନରରେ ରଖି ଅଧିକ ଖୋଳତାଡ କରିବାରେ ଲାଗିଛି । ବବିଙ୍କ ଘନିଷ୍ଠ ଭାବେ ପରିଚିତ ଯାଜପୁର ଟାଉନର ଦୁଇଜଣ ଠିକାଦାର(ନିହାର ରଞ୍ଜନ ମାନ୍ଧତା ଓ ଅନ୍ୟଜଣେ ଇଲେକ୍ଟ୍ରି ଠିକାଦାର) ଓ ବବିଙ୍କ ସହ ଜଡିତ ଥିବା କିଛି ବ୍ୟକ୍ତିଙ୍କ ଆର୍ଥିକ କାରବାର ଉପରେ ଏଜେନ୍ସୀ ନଜର ପକାଇବା ସହ ଅଧିକ ତଦନ୍ତ ପାଇଁ ମାମଲାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ହସ୍ତାନ୍ତର ନିମନ୍ତେ ଯୋଜନା ଚାଲିଥିବା ଆୟକର ବିଭାଗ ସୂତ୍ରରୁ ସୂଚନା ମିଳିଛି ।

## ଆଜିଠୁ ବଢ଼ିବ ତାତି : ପାଣିପାଗ ବିଭାଗର ସୂଚନାଭୁବନେଶ୍ୱର: ରାଜ୍ୟକୁ ପୁଣି ଫେରିବ ତାତି

ଭୁବନେଶ୍ୱର,୧୬।୫(ପି.ଏନ): ଉପରମୁହାଁ । ଏ ନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାରଠାରୁ ଦିନର ତାପମାତ୍ରା ୨ରୁ ୪ଡିଗ୍ରୀ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି । ତେବେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ହିଟ୍‌ୱେଭ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ ବୋଲି ବିଭାଗ ସ୍ପଷ୍ଟ କରିଛି ।ସେହିପରି ଦକ୍ଷିଣ–ପୂର୍ବ ବଙ୍ଗୋପସାଗରରେ ଏକ ଦୁର୍ବଳ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଫଳରେ ଚଳିତମାସ ୧୯ ତାରିଖ ସୁଦ୍ଧା ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଆଣ୍ଡାମାନ ସାଗର, ଦକ୍ଷିଣ–ପୂର୍ବ ବଙ୍ଗୋପସାଗର ଏବଂ ନିକୋବର ଦ୍ୱୀପପୁଞ୍ଜ ଛୁଇଁବ ବୋଲି ଆକଳନ କରାଯାଇଛି । ତେବେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପରେ ଏହା କେବେ ଓଡିଶାକୁ ଛୁଇଁବ ସେ ନେଇ ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି ।ଗତବର୍ଷ ଏହି ସମୟରେ ମୌସୁମୀ ବାୟୁ ଆଣ୍ଡାମାନ ନିକୋବରକୁ ଅଗ୍ରସର ହୋଥିଲା । କିନ୍ତୁ ଏହା କେରଳ ଉପକୂଳ ଛୁଇଁବା ପାଇଁ ୭ ଦିନ ବିଳମ୍ବ ହୋଇଥିଲା । ସେହିପରି ମୌସୁମୀ ବାୟୁ ଓଡିଶାକୁ ପାଖାପାଖି ୧୦ ଦିନ ବିଳମ୍ବରେ ଛୁଇଁଥିଲା । ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଚାରିଦିନ ପରେ ବର୍ଷାର ପରିମାଣ କମିବା ସହ ପାଗ ଶୁଖିଲା ରହିବ । ଏହି ସମୟରେ ତାତିର ପ୍ରକୋପ ବୃଦ୍ଧି ପାଇବ ।

## ରୋଡ୍ ସୋ'ରେ ବାହାରିଲେ ନବୀନ: ଗଙ୍ଗନଗରରୁ ଆରମ୍ଭ କଲେ ଯାତ୍ରା



ଭୁବନେଶ୍ୱର,୧୬।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱରରେ ରୋଡ୍ ସୋ' କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ସୋ' ସ୍ଥାନୀୟ ୟୁନିଟ–୬ସ୍ଥିତ ଗଙ୍ଗନଗର ଛକଠାରୁ ବାହାରିଛି । ଏହି ସୋ' ଏଲଆଇସି ଅଫିସ ଛକଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ଗୋପବନ୍ଧୁ ଛକ, ଓୟୁଏଟି ଗେଷ୍ଟ ହାଉସ ଛକରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇଅ ୟୁନିଟ–୮ ଡିଏଭି ସ୍କୁଲ ଛକ, ଏଚ୍‌ଡିଏଫସି ବ୍ୟାଙ୍କ ଛକଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ବାଲୁଙ୍କେଶ୍ୱର ମନ୍ଦିର ଛକ, ମମତାଜ ଅଲି ସ୍କୁଲ, ଶ୍ରୀକୃଷ୍ଣ କ୍ଲବ ଠାରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ବେହେରା ସାହି ଛକ ଦେଇ ନିକ୍‌କୋ ପାର୍କ ଛକରେ ପହଞ୍ଚିବ ।

## ରାଜଧାନୀରେ ବଡ ଅଘଟଣ: ରାତି ଅଧରେ ହଠାତ୍ ଘଟିଗଲା ଏକ ଭୟଙ୍କର ଅଗ୍ନିକାଣ୍ଡ, ଲୋକେ ଛାନିଆ

ଭୁବନେଶ୍ୱର,୧୬।୫(ପି.ଏନ) : ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ସରିଥିବା ବେଳେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଜୋରସୋରରେ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି । ପ୍ରମୁଖ ରାଜନୈତିକ ଦଳର ବଡ ବଡ ନେତାଙ୍କର ରୋଡ ଶୋ'ରେ ରାଜଧାନୀର ଭୂମି କମ୍ପିବାରେ ଲାଗିଛି । ତେବେ ଏହା ମଧ୍ୟରେ ରାଜଧାନୀବାସୀ ରାତିରେ ଶାନ୍ତିରେ ଶୋଇଥିବା ସମୟରେ ଘଟିଥିଲା ଏକ ବଡ ଅଘଟଣ । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଛକ ନିକଟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଦେଖିବାକୁ ମିଳିଥିଲା । ଏହି ଅଗ୍ନିକାଣ୍ଡର ନିଆଁ ଲିଭୁନଥିଲା । ରାତି ଅଧରେ ଏଭଳି ଅଗ୍ନିକାଣ୍ଡକୁ ନେଇ ଲୋକମାନେ ଭୟରେ ଛାନିଆ ହୋଇପଡିଥିଲେ ।ଏହି ଭୟଙ୍କର ଅଗ୍ନିକାଣ୍ଡରେ ୫ଟି ଦୋକାନ ଜଳିପୋଡି ପାଉଁଶ ହୋଇଯାଇଥିବା ବେଳେ ୨ଟି ସିଲିଣ୍ଡର ଫାଟି ଯାଇଥିଲା । ରାତି ଅଧରେ ଘଟିଯାଇଥିବା ଏହି ଅଗ୍ନିକାଣ୍ଡକୁ ନେଇ ରାଜଧାନୀବାସୀ ଭୟଭୀତ ହୋଇଯାଇଥିଲେ । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କର କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି । ଅଗ୍ନିକାଣ୍ଡରେ ଗୋଟିଏ ବାଇକ୍ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା କୁହାଯାଉଛି । ଫାଷ୍ଟଫୁଡ୍ ଦୋକାନରୁ ସର୍ଟିଶର୍କିଟ ଲାଗି ଏହି ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିବା ଆଶଙ୍କା କରାଯାଉଛି । ମପରେ ଖବର ପାଇ ପୋଲିସ ଅଗ୍ନିଶମ ବାହିନୀର ଦୁଇଟିଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଦୀର୍ଘ ସମୟର ପରିଶ୍ରମ ପରେ ଶେଷରେ ନିଆଁକୁ ଆୟତ୍ତ କରାଯାଇଥିଲା ।

## ସୁପ୍ରିମକୋର୍ଟଙ୍କ ବଡ ରାୟ: ମନଇଚ୍ଛା ଅଭିଯୁକ୍ତଙ୍କୁ ଗିରଫ କରିପାରିବ ନାହିଁ ଇଡି



ଭୁବନେଶ୍ୱର,୧୬।୫(ପି.ଏନ): ଏକ ଐତିହାସିକ ନିଷ୍ପତ୍ତିକ୍ରମେ ସୁପ୍ରିମକୋର୍ଟ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର କ୍ଷମତାକୁ ସଙ୍କୁଚିତ କରି ଦେଇଛନ୍ତି । ପିଏମଏଲ ଆକ୍ଟର ଧାରା ୧୯ ଅନୁଯାୟୀ ଇଡି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପାଇଥିବା ଅଧିକାର ଉପରେ ସୁପ୍ରିମକୋର୍ଟ ସର୍ତ୍ତ ଲାଗୁ କରିଛନ୍ତି । ଯଦି ଅଭିଯୁକ୍ତ ସ୍ୱତନ୍ତ୍ର କୋର୍ଟଙ୍କ ସମନ ଅନୁସାରେ ହାଜର ହେଉଛନ୍ତି, ତା'ହେଲେ ଇଡି ତାଙ୍କୁ ଗିରଫ କରିପାରିବ ନାହିଁ । ଏପରି ସ୍ଥିତିରେ ଇଡିକୁ ଗିରଫଦାରୀ ପୂର୍ବରୁ କୋର୍ଟଙ୍କ ଅନୁମତି ନେବାକୁ ପଡିବ ବୋଲି ସର୍ବୋଚ୍ଚ ଅଦାଳତ କହିଛନ୍ତି ।

### ଇଡିର 'କେଜ୍ରିୱାଲ ବିରୋଧୀ' ଆବେଦନକୁ ଗ୍ରହଣ କଲେନି ସୁପ୍ରିମକୋର୍ଟ

ଭୁବନେଶ୍ୱର,୧୬।୫(ପି.ଏନ): ନିର୍ବାଚନ ରାଲିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦେଇଥିବା ବୟାନକୁ ବିରୋଧ କରି ସୁପ୍ରିମକୋର୍ଟ ଯାଇଥିବା ଇଡିକୁ ଝଟକା ଲାଗିଛି । ଇଡିର କେଜ୍ରିୱାଲ ବିରୋଧୀ ଆବେଦନକୁ ଗ୍ରହଣମ କରି ନାହାନ୍ତି ସୁପ୍ରିମକୋର୍ଟ । ଯଦି ଲୋକମାନେ ଆପ୍‌କୁ ଭୋଟ ଦେବେ, ତା'ହେଲେ ତାଙ୍କୁ ଆଉ ଜେଲ ଯିବାକୁ ପଡିବ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି ।ଏପରି ଭାଷଣକୁ ବିରୋଧ କରି ଇଡି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି, ଏପରି ବୟାନ ଜାମିନ ସର୍ତ୍ତକୁ ଉଲ୍ଲଂଘନ କରୁନାହିଁ ।

### ମାଟି ଅଡଡା ଧସି ୩ ଶ୍ରମିକ ମୃତ, ପାଣି ପାଇପ୍ କାମରେ ନିୟୋଜିତ ଥିଲେ ଠିକା ଶ୍ରମିକ

ଯାଜପୁର,୧୬।୫(ପି.ଏନ): ଯାଜପୁର ବିଞ୍ଝାରପୁର ଅଳକୁଣ୍ଡ ଅଞ୍ଚଳରେ ଅଘଟଣ । ଠିକା କାମ କରିବା ସମୟରେ ମାଟି ଧସିଯିବା ଯୋଗୁ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି । ତେବେ ମୃତ ଶ୍ରମିକମାନେ ଚେନ୍ନାଇ ଓ ବିହାର ଅଞ୍ଚଳର ବୋଲି ଜଣାପଡିଛି । ଏହି ଶ୍ରମିକମାନେ ପାଣି ପାଇପ୍ କାମରେ ନିୟୋଜିତ ଥିଲେ ।

## ମେ' ୨୦ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଓଡିଶା ଗସ୍ତ: ପ୍ରଥମେ ଜଗା ଦର୍ଶନ, ପରେ ରୋଡ ସୋ'

ପୁରୀ,୧୬।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖ ଦିନ ପୁରୀରେ ରୋଡ ସୋ' କରିବେ । ଏନେଇ ବିଜେପି ଚୂଡାନ୍ତ ନିଷ୍ପତ୍ତି ନେଇ ସାରିଛି । ପ୍ରଧାନମନ୍ତ୍ରୀ ମୋଦୀ ମେ' ୨୦ରେ ପୁରୀରେ ସକାଳୁ ପହଞ୍ଚିବା ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେବେ । ଦର୍ଶନ ସାରି ରୋଡ୍? ସୋ' କରିବେ । ଏହି ରୋଡ୍? ସୋ' ସମୟରେ ମୋଦୀଙ୍କ ସୁସଜ୍ଜିତ ଗାଡିରେ ବିଜେପିର ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ମଧ୍ୟ ରହିପାରନ୍ତି । ସେହିପରି ପୁରୀ ଜିଲ୍ଲାର ବିଜେପି ବିଧାୟକ ପ୍ରାର୍ଥୀମାନେ, ନେତା ଓ କର୍ମୀମାନେ ଉପସ୍ଥିତ ରହିବେ । ବଡଦାଣ୍ଡରେ ପ୍ରଥମ ଥର ପାଇଁ ରୋଡ ସୋ' ହେଉଥିବାରୁ ମୋଦୀଙ୍କ ଝଲକ ପାଇବାକୁ ସମର୍ଥକମାନେ ସୁଯୋଗ ପାଇପାରିବେ । ରୋଡ୍? ସୋ' ଅବସରରେ ପ୍ରଧାନମନ୍ତ୍ରୀ କିଛି ବାଟ ଚାଲିଚାଲି ଲୋକଙ୍କ ସହ ହାତ ମିଳାଇବେ । ସକାଳେ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ହେବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ରୋଡ ସୋ' ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ପୁଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।ଚଳିତ ମାସ ୨୫ରେ ପୁରୀ ଲୋକସଭା ଆସନ ସହ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲିରେ ମତଦାନ ହେବ । ଏହା ପୂର୍ବରୁ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ମହାଶକ୍ତି ପ୍ରଦର୍ଶନ ପାଇଁ ସଜବାଜ ହେଲେଣି ।

## ଅନୁଭବଙ୍କୁ ମିଳିଲା ବଡ ଆଶ୍ୱସ୍ତି: ଏନବିଡବ୍ଲୁ ଉପରେ ରୋକ୍ ଲଗାଇଲେ ହାଇକୋର୍ଟ

ଭୁବନେଶ୍ୱର,୧୬।୫(ପି.ଏନ): ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତିଙ୍କୁ ମିଳିଛି ବଡ ଆଶ୍ୱସ୍ତି । ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ) ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି । ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିଯୋଗ କ୍ରମେ କଟକ ଜେଏମଏଫସି କୋର୍ଟ ଅନୁଭବଙ୍କ ବିରୋଧରେ ଏନବିଡବ୍ଲୁ ଜାରି କରିଥିଲେ । ଚାର୍ଜଫ୍ରେମ୍ ପାଇଁ ହାଜର ନହୋଇ ଅଭିନେତା ବାରମ୍ବାର ସମୟ ମାଗି ଚାଲିଥିଲେ । ତେଣୁ ଶେଷରେ କୋର୍ଟ ଏନବିଡବ୍ଲୁ ଜାରି କରିଥିଲେ । ଆସନ୍ତା ୨୩ ତାରିଖ ସୁଦ୍ଧା ୱାରେଣ୍ଟ ଜାରି କରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।ସୂଚନାଯୋଗ୍ୟ ଯେ, ଗତ ୮ ତାରିଖ ଦିନ ଅଭିନେତା ଅନୁଭବଙ୍କ ନାମରେ ଚାର୍ଜଫ୍ରେମ୍ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଜେଏମଏଫସି ସ୍ୱତନ୍ତ୍ର କୋର୍ଟରେ ଅନୁଭବଙ୍କ ଡିସଚାର୍ଜ ପିଟିସନ ଖାରଜ ହୋଇଯାଇଥିଲା । ଘରୋଇ ହିଂସାକୁ ନେଇ ଅଭିନେତ୍ରୀ ବର୍ଷାଙ୍କ ତରଫରୁ ପୁରୀଘାଟ ଥାନାରେ ଏହି ମାମଲା ଦାୟର କରାଯାଇଥିଲା । ତେବେ ବ୍ୟକ୍ତିଗତ କାରଣ ଦର୍ଶାଇ ଅନୁଭବ ସମୟ ମାଗିଥିବା ବେଳେ ଉକ୍ତ ଆବେଦନକୁ ଗ୍ରହଣ କରି କୋର୍ଟ ଅନୁଭବଙ୍କୁ ସମୟ ଦେଇଥିଲେ । ବାରମ୍ବାର ସମୟ ମାଗିବା ସହ ହାଜର ନ ହେବାରରେ ଶେଷରେ କୋର୍ଟ ଅନୁଭବଙ୍କ ବିରୋଧରେ ଏନବିଡବ୍ଲୁ ଜାରି କରିଥିଲେ । ଏହାକୁ ଅନୁଭବ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବା ବେଳେ ସେନେଇ ତାଙ୍କୁ ଆଶ୍ୱସ୍ତି ମିଳିଛି ।

## ସାଂସଦ ଅନୁଭବ ମହାନ୍ତିଙ୍କୁ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି



ଭୁବନେଶ୍ୱର,୧୬।୫(ପି.ଏନ): ସାଂସଦ ଅନୁଭବ ମହାନ୍ତିଙ୍କୁ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି । ତାଙ୍କ ବିରୋଧରେ କଟକ ଜେଏମ୍‌ଏଫ୍‌ସି କୋର୍ଟ ଜାରୀ କରିଥିବା ଜାମିନ ବିହୀନ ଗିରଫ ପରୱାନା(NBW)ଉପରେ ହାଇକୋର୍ଟ ସ୍ଥଗିତାଦେଶ ରଖିଛନ୍ତି । ତେବେ ସେ ଆସନ୍ତା ୨୩ ତାରିଖ ମଧ୍ୟରେ ନିମ୍ନ ଅଦାଲତରେ ହାଜର ହୋଇପାରିବେ ବୋଲି କୋର୍ଟ କହିଛନ୍ତି ।ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କ ମାମଲାରେ ହାଜର ନହୋଇ ବାରମ୍ବାର ମହଲତ ନେବା କାରଣରୁ କଟକ ଜେଏମ୍‌ଏଫ୍‌ସି ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଗତ ୧୩ ତାରିଖରେ ଅନୁଭବ ମହାନ୍ତିଙ୍କ ବିରୋଧରେ ଘଇତ ଜାରି କରିଥିଲା । ଏହାକୁ ରଦ୍ଦ କରିବାକୁ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆଉ ଆବେଦନରେ ଦର୍ଶାଇଥିଲେ, ବର୍ତ୍ତମାନ ଦେଶରେ ସାଧାରଣ ନିର୍ବାଚନ ଚାଲିଛି । ସେ ବିଜେପି ଷ୍ଟାର ପ୍ରଚାରକ ଅଛନ୍ତି । ଏହାଛଡା ମାଆଙ୍କ ଚିକିତ୍ସା ପାଇଁ ସେ ନୂଆଦିଲ୍ଲୀରେ ଥିବାରୁ ହାଜର ହୋଇପାରିନଥିବା ଦର୍ଶାଇ ସ୍ଥଗିତାଦେଶ ଜାରୀ କରିବାକୁ ଓକିଲ ମାଧ୍ୟମରେ ଯୁକ୍ତି ବାଢ଼ିଥିଲେ ଅନୁଭବ । କୋର୍ଟ ତାଙ୍କ ଯୁକ୍ତିକୁ ଗ୍ରହଣ କରି ଆସନ୍ତା ଶୁଣାଣି ଯାଏ ଘଇତ କାର୍ଯ୍ୟକାରୀ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜୁଲାଇ ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

## ରାସ୍ତାକଡରେ ଠିଆ ହୋଇଥିଲେ; ବାଇକ୍ ଆସି ଧକ୍କା ଦେଲା, ଦୁଇ ଯୁବକଙ୍କ ମୃତ୍ୟୁ



ରାୟଗଡା/କଲ୍ୟାଣସିଂହପୁର, ୧୬।୫(ପି.ଏନ): ମୃତ୍ୟୁ ଏମିତି ଆସେ କେହିବି ଜାଣି ପାରନ୍ତି ନାହିଁ । ଜଣେ ଯୁବକ ଠିଆ ହୋଇଥିବା ବେଳେ ଅନ୍ୟ ଜଣଙ୍କ ବାଇକ ଧକାରେ ଜୀବନ ଚାଲିଯିବ ସେକଥା କିଏବା କହିବ । ଏମିତି ଏକ ଘଟଣା କଲ୍ୟାଣସିଂହପୁର ରାୟଗଡ଼ା ମୁଖ୍ୟ ରାସ୍ତା କୃଷ୍ଣନଗର ନିକରେ ଜଣେ ଯୁବକ ରାସ୍ତା ଉପରେ ଠିଆହୋଇ ଥିବା ସମୟରେ ବାଇକ ଧକ୍କା ଦେଇଥିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି । ସନ୍ଧ୍ୟା ପ୍ରାୟ ସାଢେ ସାତଟା ସମୟରେ ଘଟଣା ଘଟିଥିବା ଜଣାପଡିଛି । ମୃତକ ହେଲେ ସିକରପାଇ ପଞ୍ଚାୟତ ତଲସଜା ଗ୍ରାମର ଯୋଗେଶ ମିଣିଆକା । ଅନ୍ୟ ଜଣେ ମୃତ ଯୁବକର ପରିଚୟ ମିଳିନାହିଁ ବୋଲି ପଲିସ ପ୍ରକାଶ କରିଛି ।ସିକରପାଇ ଠାରୁ ଭିତର ଝୋଲା ଗ୍ରାମରେ ଥିବା ରେଳବାଇ ର କାର୍ଯ୍ୟରତ କର୍ମଚାରୀ ନିଜ କେମ୍ପକୁ ଯାଉଥିବା ସମୟରେ କୃଷ୍ଣ ନଗର ନିକଟରେ ଠିଆ ହୋଇଥିବା ଯୋଗେଶଙ୍କୁ ଧକା ଦେଇଥଲା ।ଘଟଣା ଖବର ପାଇ କଲ୍ୟାଣସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା ଓ ଏସ ଆଇ ସିବିପ୍ରସାଦ ସାହୁ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଘଟଣା ତଦନ୍ତ ଆରମ୍ଭ କରିଥିବା କହିଛନ୍ତି ଥାନା ଅଧିକାରୀ ।

## ଖଲ୍ଲିକୋଟ୍ ପ୍ରାକ୍ ନିର୍ବାଚନୀ ହିଂସା ମାମଲା; ଗିରଫ ହେଲେ ୮ ଅଭିଯୁକ୍ତ

ଖଲ୍ଲିକୋଟ୍,୧୬।୫(ପି.ଏନ): ନିକଟରେ ଖଲ୍ଲିକୋଟ୍ ପ୍ରାକ୍ ନିର୍ବାଚନୀ ହିଂସାକୁ ନେଇ ଅସ୍ଥିର ରହିଛି ରାଜନୈତିକ ମାହୋଲ । ଏହି ମାମଲାରେ ଏସପିଙ୍କ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଚାରି ଜଣ ପୋଲିସ କର୍ମଚାରୀଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ଏହା ସହ ୮ ଜଣ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି ।ଅପରପକ୍ଷରେ ଗଞ୍ଜାମ ଖଲ୍ଲିକୋଟରେ ହୋଇଥିବା ନିର୍ବାଚନୀ ହିଂସାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି । ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଖଲ୍ଲିକୋଟ ଅଞ୍ଚଳରେ ଘଟିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ତଥା ଦୁଃଖଦ । ମୁଁ ଏନେଇ ଗଭୀର ବିବ୍ରତ ଓ ଦୁଃଖିତ । ଏଭଳି ହିଂସା ଘଟଣାର ଆମ ଗଣତନ୍ତ୍ର ଏବଂ ନାଗରିକ ସମାଜରେ କୌଣସି ସ୍ଥାନ ନାହିଁ । ମୁଁ ଏହି ଘଟଣାକୁ ଦୃଢ଼ ନିନ୍ଦା କରୁଛି । ନିଜ ପ୍ରିୟଜନଙ୍କୁ ହରାଇଥିବା ପୀଡ଼ିତ ପରିବାରଙ୍କୁ ମୋର ଗଭୀର ସମବେଦନା । ଆହତମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ପ୍ରାର୍ଥନା କରୁଛି । ମୁଁ ନିଶ୍ଚିତ ଯେ, ଏହି ଜଘନ୍ୟ ଅପରାଧୀଙ୍କ ବିରୋଧରେ ପୋଲିସ ଦୃଢ଼ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । କହିରଖୁଛୁ ଖଲ୍ଲିକୋଟରେ ଦେଖାଯାଇଥିବା ହିଂସାକାଣ୍ଡକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା । ଏହାର ପ୍ରତିବାଦ କରି ସେମାନେ ଟାୟାର ଜାଳି ରାସ୍ତାରୋକ କରିଥିଲେ ।






# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ପୁରାଣ କାହାଣୀ

## ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ବହୁମୁଖୀ ପ୍ରତିଭାର ଅଧିକାରୀ ଡକ୍ଟର ଭୋଲାନାଥ ରାଉତ

ଜନ୍ମ ଥିଲେ ମୃତ୍ୟୁ ଅଛି । ଏହାହିଁ ଚିରନ୍ତନ ସତ୍ୟ । ଏହାକୁ ଏଡାଇ ହେବ ନାହିଁ । ଏପରିକି ଦେବତାମାନେ ଏଠି ଜନ୍ମ ନେଲେ ତାଙ୍କୁ ବି ମରିବାକୁ ପଡିଥାଏ । ସେଥିପାଇଁ କୁହାଯାଏ- 'ମଣିଷ ମରିବ ଦିନେ ଜନ୍ମ ହେଲେ ଦେବତା ବି ମରେ, ସାର୍ଥକ ମରଣ ତାର ଯାହା ପାଇଁ ମାଟି ଗୋଡି ଝୁରେ ।' ସୁଗୁଣ ଓ ସୁକର୍ମ ହିଁ ମଣିଷକୁ କାଳଜୟୀ କରିଥାଏ । ପ୍ରବୀଣ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ଡକ୍ଟର ଭୋଲାନାଥ ରାଉତ । ଜନ୍ମ ହୋଇଥିଲେ ଫେବୃଆରୀ ୫ ତାରିଖ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ନନ୍ଦିଗ୍ରାମରେ ୧୯୩୮ ମସିହାରେ ଓ ଚାଲିଗଲେ ଆରପାରିକୁ ୨୦୨୧ ମସିହା ଅକ୍ଟୋବର ୧୬ ତାରିଖରେ । ଦୀର୍ଘ ୮୩ ବର୍ଷର ଘଟଣାବହୁଳ ଓ ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ୱଲ୍ୟମାନ । ଯଥାର୍ଥରେ ସିଏ ଥିଲେ ଏ ମାଟିର ଅମୂଲ୍ୟ ରତ୍ନ । ତାଙ୍କ ମୃତ୍ୟୁରେ ଏକ ଯୁଗର ଅବସାନ ହେଲା । ତାଙ୍କ ପରି ଜଣେ ମଣିଷ ଆଉ କେବେ ଜନ୍ମ ନେବେ କେଜାଣି ! ତାହା ବିଶ୍ୱନିୟନ୍ତାଙ୍କୁ ଜଣା ।

ଡକ୍ଟର ଭୋଲାନାଥ ରାଉତ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଏତେ ସୁଗୁଣର ଅଧିକାରୀ ହେବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟେ । ଏକାଧାରରେ ସେ ଥିଲେ ପ୍ରଚଣ୍ଡ ସାରସ୍ୱତ ପ୍ରତିଭା, ପ୍ରବୀଣ ଶିକ୍ଷାବିତ୍, ବିଶିଷ୍ଟ ଶିକ୍ଷକ ନେତା, ଦକ୍ଷ ସଂଗଠକ, ଜଗତସିଂହପୁର ଜିଲ୍ଲା ପୁସ୍ତକ ମେଳାର ପୁସ୍ତକ 'ସ୍ମୃତିପତ୍ର'ର ମୁଖ୍ୟ ସଂପାଦକ, ଶିକ୍ଷକ ମହାସଂଘ ଜଗତସିଂହପୁର ଶାଖାର ସଭାପତି, ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସଦସ୍ୟ ଓ ସର୍ବୋପରି ଅଖିଳ ଭାରତୀୟ ଓଡିଆ ଅଧ୍ୟାପକ ସଂଘର ସଭାପତି । ବିଶେଷକରି ଜଣେ ସଂଗ୍ରାମୀ ଶିକ୍ଷକ ନେତା ପ୍ରବୀଣ ଅଧ୍ୟାପକ ଓ ଅନନ୍ୟ ସାରସ୍ୱତ ସାଧକ ଭାବେ ଓଡିଶାର ଶିକ୍ଷକ ସମାଜ ଓ ସାରସ୍ୱତ ଜଗତ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ସେଥିପାଇଁ ଛାଏଁ ଛାଏଁ ମଥା ନଇଁଯାଏ ଡକ୍ଟର ରାଉତଙ୍କ ପ୍ରତି । ତାଙ୍କ ଭଳି ଜଣେ ନିରଳସ ଓ ସାହିତ୍ୟ ସ୍ରଷ୍ଟା ଓ ଶିକ୍ଷକ ନେତା ଆଜିର ଦୁନିଆରେ ମିଳିବା ଭାରି କଷ୍ଟ ।

ଅଧ୍ୟାପନା ଜୀବନ ଆରମ୍ଭ ହୁଏ ସ୍ଥାନୀୟ ଏସ୍.ଭି.ଏମ୍. ମହାବିଦ୍ୟାଳୟରୁ ଓଡିଆ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଭାବେ ୧୯୬୯ ମସିହା ପୂର୍ବବର୍ତ୍ତୀ ଅବସ୍ଥାରେ । ଯେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନରେ ଚାକିରି ତାଳଗଛ ଛାଇ ସଦୃଶ ଥିଲା । ସକାଳେ ଥିବା ଚାକିରି ସଂଜକୁ ନଥିଲା । ଏଭଳି ସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ଅଣ୍ଟା ଭିଡିଥିଲେ ଡକ୍ଟର ରାଉତ । ସୁଯୋଗକୁ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ପ୍ରଫେସର ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କ୍ରିୟାନୁଷ୍ଠାନ କମିଟି ଗଠିତ ହେଲା ଓ ପରେ ପରେ ୧୯୭୧ ମସିହାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା । ଏହାର ସଭାପତି ଭାବେ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ପ୍ରଫେସର ଅବନୀ ବରାଳ ରହିଲେ । ଏଇଠୁ ଆରମ୍ଭ ହେଲା ଡକ୍ଟର ରାଉତଙ୍କ ସଂଗ୍ରାମୀ ଜୀବନ । ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଓ ପରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ପ୍ରତିଷ୍ଠାତା ସଦସ୍ୟ ଭାବେ ଭୂମିକା କୌଣସି ଗୁଣରେ କମ୍ ନଥିଲା । ସଂଗଠନ ଭିତରେ ସେ ସବୁବେଳେ "ସଂକଟ-ମୋଚନକାରୀ" ଭୂମିକା ନିର୍ବାହ କରୁଥିଲେ । ସେଥିପାଇଁ ରାଜ୍ୟସ୍ତରରେ ଓ ଜିଲ୍ଲା ସ୍ତରରେ ସମସ୍ତ ବର୍ଗର ଶିକ୍ଷକ ଓ ଶିକ୍ଷକନେତାଙ୍କର ସ୍ୱତନ୍ତ୍ର ସମ୍ମାନ ତାଙ୍କ ପ୍ରତି ରହିଥିଲା । ଯେତେବେଳେ କୌଣସି ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ତାଙ୍କ ପାଖକୁ ଯାଉଥିଲେ ସେ କାହାକୁ ନିରାଶ କରୁନଥିଲେ । ସେ ଥିଲେ ଜଣେ ଅଶାବାଦୀ ମଣିଷ । ସମସ୍ତଙ୍କୁ କହୁଥିଲେ ସଂଗଠନ ଓ ଏକତା ହେଉଛି ଆମର ବଡ ପୁଞ୍ଜି । ସମସ୍ତେ ପ୍ରତ୍ୟେକଙ୍କ ପାଇଁ ଓ ପ୍ରତ୍ୟେକ ସମସ୍ତଙ୍କ ପାଇଁ ନୀତିକୁ ଆପଣାଇଲେ ଆମର ସଂଗ୍ରାମ ସଫଳ ହେବ । ପ୍ରକୃତରେ ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ ବୋଲି ପ୍ରମାଣିତ ହୋଇଥିଲା । ୧୯୬୯ ମସିହାର ଓଡିଶା ଶିକ୍ଷା ଆଇନ୍ ୧୯୭୪ ମସିହାର ପ୍ରତ୍ୟକ୍ଷ ଅନୁଦାନ ଓ ୧୯୮୦ ମସିହାର ପେନ୍‌ସନ୍ ସୁବିଧା ଏବଂ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ ତାହାର ଗୋଟିଏ ଗୋଟିଏ ଉଦାହରଣ ।



ସଂଗ୍ରାମୀ ଜୀବନ ଭିତରେ ଭୋଲାନାଥ ରାଉତଙ୍କ ସାହିତ୍ୟ ସାଧନା ସ୍ଥିର ହୋଇନଥିଲା । ତାଙ୍କର ପେଶା ଥିଲା ଅଧ୍ୟାପନା ଓ ନିଶା ଥିଲା ସାହିତ୍ୟ ସାଧନା । ପେଶାରୁ ନିବୃତ୍ତ ହେବା ପରେ ଲେଖନୀ ତାଙ୍କର ଅଧିକ ଶାଣିତ ହୋଇଥିଲା । ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରି ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି ଯାହା ତାଙ୍କ ସୃଷ୍ଟିସମ୍ଭାରରୁ ବେଶ୍ ବାରି ହୋଇପଡେ । ଏପରିକି ବିଭିନ୍ନ ପତ୍ରପତ୍ରିକାରେ ଅନେକ ଉପାଦେୟ ପ୍ରବନ୍ଧ ଲେଖି ସେ ଅନେକ ଖ୍ୟାତି ଅର୍ଜନ କରିଥିଲେ । ଦାଣ୍ଡି ରାମାୟଣରେ ଓଡ଼ିଶାର ଲୋକସଂସ୍କୃତି, କାବ୍ୟ ଓ କବି, ଓଡ଼ିଆ ସାହିତ୍ୟରେ ତତ୍ତ୍ୱ ଓ ତଥ୍ୟ, ବୈଦିକ ସମାଜରେ ସାହିତ୍ୟ ଓ ସଂସ୍କୃତି, ଲେଖା ଓ ଲେଖକ ଶତାବ୍ଦୀର ସ୍ୱପ୍ନ ପ୍ରବନ୍ଧ ସେ ଯୁଗରେ ଓ ଏ ଯୁଗରେ ଇତ୍ୟାଦି ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ମହାର୍ଘ ଦାନ ଓଡ଼ିଆ ସାହିତ୍ୟ ଓ ଆଧ୍ୟାତ୍ମିକ ଜଗତରେ ସେ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରୀ । ବିଶେଷକରି 'ଜଗତସିଂହପୁର ଜିଲ୍ଲା ଅତୀତ ଓ ବର୍ତ୍ତମାନ' ପୁସ୍ତକ ସଂକଳନ ତାଙ୍କ ଜୀବନର ଏକ ମାଇଲଖୁଣ୍ଟ ହୋଇ ରହିବ । ଏହି ପୁସ୍ତକ ସଂକଳନ କରି ସେ ଇତିହାସ ପୁରୁଷ ପାଲଟି ଯାଇଛନ୍ତି । ସେଥିପାଇଁ ଜଗତସିଂହପୁର ଜିଲ୍ଲାବାସୀ ତାଙ୍କ ପାଖରେ ସର୍ବଦା ଋଣୀ ହୋଇ ରହିବେ । ସେହିପରି ୧୯୯୯ ମହାବାତ୍ୟା ପରେ ଆରମ୍ଭ ହୋଇଥିବା ଜଗତସିଂହପୁର ପୁସ୍ତକମେଳାର "ସ୍ମୃତିପତ୍ର"ର ମୁଖ୍ୟ ସମ୍ପାଦକ ଭାବେ ତାଙ୍କ ଅବଦାନକୁ ଭୁଲିହେବ ନାହିଁ । ଏହା ତାଙ୍କର ସାରସ୍ୱତ ପ୍ରତିଭାର ମୂଲ୍ୟାୟନ କରେ । ଏଥିସହିତ ଅଖିଳ ଭାରତ ଓଡିଆ ଅଧ୍ୟାପକ ସଂଘର ସଭାପତି ଦାୟିତ୍ୱ ତାଙ୍କ ସାଂଗଠନିକ ଦକ୍ଷତାର ଅନ୍ୟ ଏକ ନମୁନା । ଖାଲି ସେତିକି ନୁହେଁ ଏସ୍.ଭି.ଏମ୍ କଲେଜଠାରୁ ଆରମ୍ଭ କରି ଆଦିକବି ସାରଳାଦାସ ମହାବିଦ୍ୟାଳୟ, ତିର୍ତ୍ତୋଲ, ବାଙ୍କୀ ମହାବିଦ୍ୟାଳୟ, କନ୍ଦରପୁର ମହାବିଦ୍ୟାଳୟ ଅନେକ ମହାବିଦ୍ୟାଳୟରେ ଅଧ୍ୟାପନା ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟନିର୍ବାହ କରି ୧୯୯୮ ମସିହାରେ କେନ୍ଦ୍ରାପଡ଼ା କଲେଜରୁ ସେବାନିବୃତ୍ତ ହୋଇଥିଲେ ।

ସବୁ ମଣିଷର ଜନ୍ମ ଏକ ପ୍ରକାର । କିନ୍ତୁ ଅସାଧାରଣ କର୍ମହିଁ ମଣିଷକୁ କାଳଜୟୀ କରିଥାଏ । ଏହାହିଁ ପ୍ରକୃତରେ ପ୍ରମାଣିତ କରିଯାଇଛନ୍ତି ଡକ୍ଟର ରାଉତ । ଦାସେ ଆପଣଙ୍କ ଭାଷାରେ-"ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ/କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ ।" ଚାହୁଁ ଚାହୁଁ ୧ବର୍ଷ ହୋଇଗଲା । ସବୁରି ପ୍ରିୟ ଡକ୍ଟର ଭୋଲାନାଥ ରାଉତ ଚାଲିଯାଇଛନ୍ତି ଅଫେରା ରାଇଜକୁ । ସେ ଆଉ ଫେରିବେନି । ହେଲେ ତାଙ୍କ ଅବର୍ତ୍ତମାନର ଦିନ ଯେତେ ଗଡି ଗଡି ଯାଉଛି ତାଙ୍କ ସୁଗୁଣର ସୁମନ ସେତେ ବେଶୀ ପାଖୁଡ଼ା ମେଲାଉଛି । ଆଉ ସେହି ବାସ୍ନାକୁ ଆଘ୍ରାଣ କରୁଛନ୍ତି ଜିଲ୍ଲା ତଥା ରାଜ୍ୟବାସୀ । ତଥାପି ଆମକୁ ଲାଗୁଛି ସତେ ଯେମିତି ତାଙ୍କର ମୃତ୍ୟୁ ହୋଇନାହିଁ । ସେ ଆମ ଆଖିରେ ଏବେବି ଜୀବନ୍ତ ମଣିଷ ଭଳି ବଞ୍ଚି ରହିଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଏତିକି କୁହାଯାଇପାରେ-***"ମାଟି ଦେହ ସିନା ତୁମ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।"***

# ଆଇଭିଏଫ୍ ମାଧ୍ୟମରେ ସନ୍ତାନ

ବହୁଦିନ ପରେ ସ୍କୁଲ ବେଳର ସାଙ୍ଗ ସୁମିତ୍ରାର ଫୋନ କଲ୍‌ଟିଏ ପାଇଲି । ଆଉଟଡୋର ଯିବାକୁ ତରତର ହେଉଥିବାବେଳେ ସୁମିତ୍ରାର ଫୋନ ମୋତେ ସାମାନ୍ୟ ଇତଃସ୍ତତ କରିଦେଲା । ମୁଁ ଜାଣିଛି ଦୀର୍ଘଦିନ ବିବାହ ପରେ ବି ତା କୋଳକୁ ପିଲାଟିଏ ଆସିନାହିଁ । ମୋତେ ଫୋନରେ କହିଲା- 'ଆଜି ଖବରକାଗଜ ଦେଖିଲଣି, ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ନେଲାପର୍ତ୍ତିପାଡୁ ଗାଁର ଇ.ରାଜା ରାଓଙ୍କ ସ୍ତ୍ରୀ ଏରାମତି ମାଙ୍ଗାୟାମ୍ମା କୋଠପେଟସ୍ଥିତ ଅହଲ୍ୟା ହସ୍ପିଟାଲରେ ଯମଜ ସନ୍ତାନ ଜନ୍ମ ଦେଇଛନ୍ତି । ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ ପଦ୍ଧତିରେ ସେ ଗର୍ଭଧାରଣ କରିଥିଲେ । ସନ୍ତାନ ଜନ୍ମ କରିବାରେ ସେ ଭାରତର ସବୁଠୁ ବୟସ୍କା ମାଆ ବୋଲି ଡାକ୍ତର କହିଛନ୍ତି ।' ମୁଁ ତାକୁ ସବିଶେଷ କହିଲି । ୭୪ ବର୍ଷୀୟା ଏହି ମହିଳା ହେଉଛନ୍ତି ସନ୍ତାନ ଜନ୍ମ କରିବାରେ ଭାରତର ସବୁଠୁ ବୟସ୍କା ମାଆ । ଏହା ପୂର୍ବରୁ ୨୦୧୬ରେ ପଞ୍ଜାବର ୭୦ ବର୍ଷୀୟା ଦଲଜିନ୍ଦର କୌର ପ୍ରଥମ ଥର ମାଆ ହୋଇଥିଲେ । ଆଇଭିଏଫ୍ ମାଧ୍ୟମରେ ଯମଜ କନ୍ୟା ସନ୍ତାନ ପାଇଥିବା ଏ ମହିଳା କିନ୍ତୁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ ନାହିଁ । ମିଲ୍କ ବ୍ୟାଙ୍କରେ ମିଳୁଥିବା କ୍ଷୀର ଶିଶୁଙ୍କୁ ଦିଆଯିବ । ସୂଚନା ଥାଉକି ଅନ୍ୟ ଜଣେ ମହିଳା ଦାନ କରିଥିବା ଡିମ୍ବାଣୁ ସହ ଏହି ମହିଳାଙ୍କ ସ୍ୱାମୀ ରାଜା ରାଓଙ୍କ ଶୁକ୍ରାଣୁକୁ ଆଇଭିଏଫ୍ ପଦ୍ଧତିରେ ବିକଶିତ କରାଯାଇ ଏହି ମହିଳାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଇଥିଲା ଓ ସେ ଜାନୁଆରୀରେ ଗର୍ଭବତୀ ହୋଇଥିଲେ । ଅନେକ ହୁଏତ ଜାଣିନଥାନ୍ତି ଫଲିକିଲ୍ ଷ୍ଟିମୁଲେଟିଂ ହରମୋନ ଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜିରେ ଅଧିକ ବ୍ୟବହାର କରାଯାଇଥାଏ । ଫଲିକିଲ୍ ଷ୍ଟିମୁଲେଟିଂ ହର୍ମୋନ ସହିତ ସିନର୍ଜିରେ ଏଲ୍‌ଏଚ୍ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଭୁଲେସନକୁ ଉତ୍ତେଜିତ କରିଥାଏ । ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ୍ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି ଯାହାକୁ ଫଲିକିଲ୍ କୁହାଯାଏ । ଯେତେବେଳେ ମହିଳା ମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲ୍ ଗୁଡ଼ିକର ବୃଦ୍ଧି ଘଟିଥାଏ । କିଛି ସପ୍ତାହ ପରେ ଏହି ଫଲିକିଲ୍ ମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେସନ୍ ସମୟରେ ଏହାର ଡିମ୍ବାଣୁ ନିଷ୍କାସନ କରିଥାଏ । ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ୍ ଗୁଡ଼ିକ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି । ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁତ କମ୍ ପରିମାଣର ଡିମ୍ବାଣୁ ମହିଳା ମାନଙ୍କ ପ୍ରଜନନିକ ଜୀବନ ଅବଧି ସମୟରେ ଡିମ୍ବାଣୁ ନିଷ୍କାସିତ କରିବାକୁ ରହିଥାଆନ୍ତି । ଏଆର୍‌ଟି ପୂର୍ବରୁ ଏଫ୍‌ଏସ୍‌ଏଚ୍ ଥିବା ଔଷଧଗୁଡ଼ିକ ଦ୍ୱାରା ଫଲିକିଲ୍ ଓ ଡିମ୍ବାଣୁଗୁଡ଼ିକର ପୁର୍ନଃଆରମ୍ଭ ସମ୍ଭବ । ଏହା ହେଉଛି ଏକ ହରମୋନ ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବାଣୁ ବିକଶିତ କରିଥାଏ । ଯଦି ମହିଳାଙ୍କ ଏଫ୍‌ଏସ୍‌ଏଚ୍‌ର ରକ୍ତ ସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲ୍ ମାନଙ୍କର ବିକାଶ ହୋଇଥାଏ,ଯାହା ଏକାଧିକ ପରିପକ୍ୱ ଡିମ୍ବାଣୁକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରେ । ଲୁଟେଞ୍ଜିଂ ହରମୋନ ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ଋତୁଚକ୍ର ଓ ଓଭୁଲେସନ ସମୟକୁ ନିୟନ୍ତ୍ରଣ କରିଥାଏ । ଏଲ୍‌ଏଚ୍ ହରମୋନ ସ୍ତରଗୁଡ଼ିକ ବଢ଼ିବା ସହିତ ଓଭୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ । ସେହିପରି ଫଲିକିଲ୍ ଷ୍ଟିମୁଲେଟିଂ ହରମୋନ ହେଉଛି ପ୍ରତ୍ୟେକ ଋତୁଚକ୍ରରେ ଡିମ୍ବାଶୟରେ ଡିମ୍ବାଣୁଗୁଡ଼ିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ । ଚକ୍ର ସମୟରେ ଏଫଏସ୍‌ଏଚ୍‌ର ସ୍ତରଗୁଡ଼ିକ ଭିନ୍ନ ହୋଇଥାଏ କିନ୍ତୁ ଓଭୁଲେସନର କିଛି ସମୟ ପୂର୍ବରୁ ଏଗୁଡ଼ିକ ଅଧିକ ହୋଇଥାଏ । ଆଇଭିଏଫ୍‌ର ସଫଳତାର ମାତ୍ରା ଆଜିକାଲି ଅଧିକ ହେଉଥିଲେ ବି କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳା ମାନଙ୍କ କ୍ଷେତ୍ରରେ ଏହା ଅଧିକ ନୁହେଁ କାରଣ ଯେଉଁମାନେ ଆବେଗିକ କ୍ଷେତ୍ର ହେଉ ବା ଶାରୀରିକ ବା ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି ସେମାନଙ୍କ ପାଇଁ ଏହି ସଫଳତା ଉପରୋକ୍ତ ଲକ୍ଷଣକୁ ନେଇ ନିର୍ଦ୍ଧାରିତ ହୋଇଥାଏ । ଆଜିକାଲି ଆଇଭିଏଫ୍ ମାଧ୍ୟମରେ ଅନେକ ଦମ୍ପତି ସନ୍ତାନ ପ୍ରାପ୍ତିର ସୁଖ ପାଉଛନ୍ତି । ଅନେକଙ୍କ ପାଇଁ ଏହା ବଡ଼ ଧୈର୍ଯ୍ୟର କାରଣ ଓ ବ୍ୟୟସାପେକ୍ଷର ପ୍ରସଙ୍ଗ ହୋଇପାରେ । ତେବେ ଆଇଭିଏଫ୍ ମାଧ୍ୟମରେ ସନ୍ତାନ ପ୍ରାପ୍ତି ପୂର୍ବରୁ ଦମ୍ପତିଙ୍କ ଭିତରେ ମାନସିକ ସନ୍ତୁଳନ ଜରୁରୀ । ସ୍ତ୍ରୀ ଓ ପ୍ରସୂତୀରୋଗ ବିଶେଷଜ୍ଞଙ୍କ ଉପରେ ଭରଷା କରିବା ସହ ଭଗବାନଙ୍କ ଉପରେ ପ୍ରଗାଢ଼ ଭକ୍ତି ଓ ପ୍ରାର୍ଥନାର ବିଶ୍ୱାସ ବରଦାନ ପରି କାମ କରିଥାଏ । ଉପରୋକ୍ତ ମହିଳାଙ୍କ ଖବର ସମଗ୍ର ଭାରତରେ ମହିଳା ମାନଙ୍କ ଆଇଭିଏଫ୍ ପଦ୍ଧତିରେ ସନ୍ତାନ ପ୍ରାପ୍ତିର ବଡ଼ ଖବର ନିଶ୍ଚୟ ।

# ବଡ଼ଭାଇ

ଜଣେ ଆଦର୍ଶ ଶିକ୍ଷକ ଭାବେ, ଭାସ୍କର ସାର୍ କେବଳ ତାଙ୍କ ଗ୍ରାମ ଚକ୍ରଧରପୁର ଶାସନରେ ନୁହେଁ ସେ ମଉଜାର ପନ୍ଦର/କୋଡ଼ିଏ ଗ୍ରାମରେ ବେଶ୍ ଭଲ ଭାବରେ ପରିଚିତ । ପିତା/ମାତାଙ୍କର ସେ ଏକମାତ୍ର ସନ୍ତାନ । ବାପା ସୋମନାଥ ଆଚାର୍ଯ୍ୟ ସେ ଅଞ୍ଚଳର ଜଣେ ବଡ଼ ଜମିଦାର । ଶିକ୍ଷିତ ଓ ବିଚାରବନ୍ତ ମଧ୍ୟ । ଠିକ୍ ସମୟରେ ପୁଅର ବିବାହ ସମ୍ପନ୍ନ ହେଲା ପାଖ ଗାଁ ସରସ୍ୱତୀପୁରର ଗିରୀଶ ମହାପାତ୍ରଙ୍କ ଝିଅ ସୁମିତ୍ରା ସହ ।

ବିବାହର ଦୁଇ ବର୍ଷ ପରେ ସୁମିତ୍ରାଙ୍କ କୋଳମଣ୍ଡନ କଲା ପୁତ୍ର ସନ୍ତାନଟିଏ । ନାଁ ତାର ରଖାଗଲା ଅଜୟ, ଡାକ ନାମ ଅଜୁ । ଅଜୁକୁ ଯେତେବେଳ ଛଅ ବର୍ଷ ବୟସ, ମାତା ସୁମିତ୍ରା ଦେବୀଙ୍କର ଗୋଟିଏ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଲା । ସୁମିତ୍ରାଙ୍କର ଏହି ଦାରୁଣ ଅକାଳ ବିୟୋଗରେ ମ୍ରିୟମାଣ ହୋଇ ପଡ଼ିଲେ ଭାସ୍କର ସାର୍ । ବାପା ମାଆ, ସାଇ ପଡ଼ିଶା, ସାଙ୍ଗସାଥୀ ସମସ୍ତେ ଭାସ୍କରଙ୍କୁ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ କଲେ । ମାତ୍ର ଦ୍ୱିତୀୟ ପତ୍ନୀ ଆସିଲେ କାଳେ ତାଙ୍କ 'ଅଜୁ'କୁ ସ୍ନେହ ମମତା ଦେବନି ଏହି ଭୟରେ ସେ ବିବାହ କରି 'ଅଜୁ'ର ଜୀବନକୁ ସାବତ ମାଆ ହାତକୁ ଟେକି ଦେବାକୁ ଚାହୁଁ ନଥିଲେ । ପରିଶେଷରେ ଆତ୍ମୀୟସ୍ୱଜନଙ୍କ ହସ୍ତକ୍ଷେପରେ ବାଧ୍ୟ ହୋଇ ଦ୍ୱିତୀୟ ବିବାହ କଲେ । ଦ୍ୱିତୀୟ ପତ୍ନୀ ମମତାଙ୍କୁ ତାଙ୍କ ଘରେ ପାଦ ରଖିବା ଦିନଠୁ ହିଁ ଭାସ୍କର ସାର୍ ତାଗିଦ୍ କରି କହିଥିଲେ, "ତାଙ୍କର ପୁତ୍ର 'ଅଜୁ'କୁ ସ୍ନେହ ମମତା ଦେବାରେ ଯେପରି ଟିକିଏ ହେଲେ ଖିଲାପ କରିବେ ନାହିଁ । ସତକୁ ସତ ମମତା ଦେବୀ ବିବାହର ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ଅଜୁକୁ ଖୁବ୍ ସ୍ନେହ ଆଦର କରୁଥିଲେ । ମାତ୍ର ତାଙ୍କ କୋଳକୁ 'ବିଜୁ' ଆଉ 'ରାଜୁ' ଆସିବା ପରେ ପରେ ମମତା ଦେବୀଙ୍କର ଅଜୁ ପ୍ରତି ବ୍ୟବହାର ବଦଳିବାରେ ଲାଗିଲା । ଭାସ୍କର ସାର୍ ପ୍ରାୟ ପ୍ରତ୍ୟେକ ଦିନ ସ୍କୁଲରୁ ଫେରି ଏ ସବୁ ଧୀରେ ଧୀରେ ଲକ୍ଷ୍ୟ କଲେ । ଖୁବ୍ ମାନସିକ ଯନ୍ତ୍ରଣାରେ ପ୍ରତିଦିନ ପ୍ରତିରାତି ଛଟପଟ ହେବାକୁ ଲାଗିଲେ । ମମତାଙ୍କୁ ବୁଝେଇ ବୁଝେଇ ଥକିଗଲେ ବି ସେ କିଛି ବୁଝିଲେ ନାହିଁ । ଶେଷକୁ ଚିନ୍ତାର ବୋଝ ମାଡ଼ି ବସିଲା ଭାସ୍କରଙ୍କୁ । ନିଜକୁ ଏଥିପାଇଁ ଦାୟୀ ମନେକରି ଅପରାଧର ଗ୍ଲାନିରେ ଦିନକୁ ଦିନ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲେ । ଦିନେ ଅପରାହ୍ନରେ ଭାସ୍କର ସାର୍ ହୃଦ୍‌ଘାତରେ ସବୁଦିନ ପାଇଁ ଆଖି ବୁଜିଲେ । ଭାସ୍କରଙ୍କ ପିତାମାତା ମଧ୍ୟ ଏହି ଅସହ୍ୟ ପୁତ୍ର ବିଚ୍ଛେଦ ଦୁଃଖରେ ଅଧୀର ହୋଇ ସଂସାରରୁ ବିଦାୟ ନେଲେ ।

ଏବେ ଘରେ ମମତା ଦେବୀ, ବଡ଼ ପୁଅ ଅଜୁ ଏବଂ ସାନ ଦୁଇ ପୁଅ ବିଜୁ ଓ ରାଜୁ ସହ ରୁହନ୍ତି । ହେଲେ ଭାସ୍କର ସାର୍‌ଙ୍କ ଦେହାନ୍ତ ପରେ ଅଜୁ ପ୍ରତି ମମତା ଦେବୀଙ୍କ ଦୁର୍ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ତାଙ୍କ ମାମୁଁ ମାଇଁ ତାକୁ ପାଖକୁ ନେଇଗଲେ । ବି.ଟେକ୍ ପର୍ଯ୍ୟନ୍ତ ପଢ଼ାଇଲା ପରେ ଅଜୁ ଏବେ ଏକ ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ ଯୋଗଦେଲା । ଠିକ୍ ସମୟରେ ଗୋଟିଏ ଯୋଗ୍ୟ ପାତ୍ରୀ ସହ ମାମୁଁ ଅଜୁର ବିବାହ ମଧ୍ୟ କରାଇଦେଲେ । ଅଜୁ ଏବେ ତା' ସ୍ତ୍ରୀ 'ଶ୍ୱେତା' ଓ ଝିଅ 'ଲିପି' ସହ ଏକ ଭଡ଼ାଘରେ ଭୁବନେଶ୍ୱରରେ ରୁହେ । ସେପାଖେ ମମତା ଦେବୀ ଦୁଇପୁଅଙ୍କୁ ଠିକ୍ ସମୟରେ ବିବାହ କରାଇଲେ । ଦୁଇ ପୁଅ ଦୁଇ ବୋହୂଙ୍କୁ ନେଇ ହସି ଉଠିଲା ତାଙ୍କ ଭଙ୍ଗା ଘରଟି ପୁଣି ଥରେ । ଖୁବ୍ କମ୍ ଦିନ ପାଇଁ ଦୁଇ ଭାଇ ଏକାଠି ରହିଲେ, ମାଆ ମଧ୍ୟ ସେମାନଙ୍କ ପାଖରେ ଥିଲେ । ମାତ୍ର ମାଆକୁ ଚଳାଇବା ପାଇଁ, ମାଆର ଭରଣପୋଷଣ ପାଇଁ ଦୁଇ ଭାଇଙ୍କ ଭିତରେ ଥିବା ମତାନ୍ତର ଶେଷକୁ ମନାନ୍ତରର ରୂପ ନେଲା । ଜୀବନରେ ବିଚାର ଭୁଲ ହୋଇଗଲେ, ନିଜ ତିଆରି ଜାଲରେ ନିଜକୁ ଛନ୍ଦି ହେବାକୁ ପଡ଼େ, ଅଥଳ ସମୁଦ୍ରରେ ଜାଲ ବିଛେଇ ମାଛ ମାରିବାର ଅଭିଜ୍ଞତା ଅଛି ନୋଳିଆର, କିନ୍ତୁ ବେଳେବେଳେ ସେଇ ଜାଲରେ ଛନ୍ଦି ହୋଇ ନୋଳିଆ ବି ପ୍ରାଣ ହରାଏ । ଘର ମଝିରେ ଏବେ ପାଚେରୀ ପଡ଼ିଲା । ଏଘର ସେଘର ଦଉଡ଼ୁ ଦଉଡ଼ୁ ଅଣନିଃଶ୍ୱାସୀ ହୋଇପଡ଼ିଲେ ମାଆ ମମତା ଦେବୀ । ଶେଷକୁ ଦୁଇ ପୁଅ, ଦୁଇ ବୋହୂଙ୍କୁ ପରିତ୍ୟାଗ କରି ସେ ବଡ଼ ପୁଅ ଅଜୁ ପାଖକୁ ବାଧ୍ୟ ହୋଇ ଚାଲିଗଲେ । ସାଙ୍ଗରେ ସବୁ ଜମିବାଡ଼ିର ଦଲିଲ୍, ପଟ୍ଟା, ପାଉତି ମଧ୍ୟ ନେବାକୁ ଭୁଲିଲେ ନାହିଁ । ଉଦ୍ଦେଶ୍ୟ ଥିଲା ସବୁ ସମ୍ପତ୍ତି ଅଜୁ ନାମରେ କରି ଦେବେ !! ଯଦିଓ ସେ 'ଅଜୁ' ପ୍ରତି, ଆସିବା ଦିନଠାରୁ ଆଜିଯାଏଁ ଦିନୁଟିଏ ମଧ୍ୟ ଭଲ ବ୍ୟବହାର କରିନାହାନ୍ତି, ତଥାପି ତାଙ୍କର ଆତ୍ମବିଶ୍ୱାସ ଥିଲା 'ମମତା ଦେବୀଙ୍କୁ' ତାଙ୍କ ବଡ଼ପୁଅ ଅଜୁ କେବେହେଲେ ହତାଦର କରିବ ନାହିଁ । ସତକୁ ସତ ମମତା ଦେବୀ, ବଡ଼ପୁଅ ଘର ପାଖରେ ପହଞ୍ଚିଯିବା ମାତ୍ରେ ବଡ଼ବୋହୂ ଶ୍ୱେତା ଏବଂ ନାତୁଣୀ ଲିପି ଧାଇଁ ଆସି ଅତି ଆନନ୍ଦରେ ସ୍ୱାଗତ କରିନେଇଥିଲେ ଘରକୁ । ଅଜୁର ଗୋଡ଼ ତଳେ ଲାଗିଲା ନାହିଁ ଖୁସିରେ । ସେବା ନିମନ୍ତେ କେବଳ ମନ ସ୍ୱଚ୍ଛ ଓ ଆବିଳତା ଶୂନ୍ୟ ହେବା ଆବଶ୍ୟକ ।

ଅଜୁ ହାତକୁ ସବୁ ଜମିବାଡ଼ିର କାଗଜପତ୍ର ବଢ଼ାଇ ଦେବାମାତ୍ରେ ଅଜୁ ଖୁବ୍ ଦୁଃଖ ପ୍ରକାଶ କଲା ମାଆର ଅଭିପ୍ରାୟ ଜାଣି । ମାଆ ହାତରୁ ନିରୁତ୍ସାହିତ ଭାବରେ ତାହାକୁ ନେଇ ଟେବୁଲ୍ ଡ୍ରୟାର୍‌ରେ ରଖିଦେଲା । ମାଆର ଗୋଡ଼ ହାତ ଧୋଇ ଦେଇ ନିଜ ଗାମୁଛାରେ ପୋଛିଦେଲା । ଶ୍ୱେତା ଖାଇବାକୁ ବାଢ଼ିଦେଲା ଅତି ଶ୍ରଦ୍ଧାରେ । ଚାରି / ପାଞ୍ଚ ଦିନ ପରେ କାଗଜପତ୍ରକୁ ନିଜର ଏକ ଫାଇଲ୍‌ରେ ରଖି ଅଜୁ ଗାଁରେ ରହୁଥିବା ଦୁଇ ଭାଇଙ୍କ ପାଖକୁ ଚାଲିଲା । ବଡ଼ ଭାଇକୁ ଫାଇଲ୍ ଧରି ତାଙ୍କ ଆଡ଼କୁ ଆସୁଥିବାର ଦେଖି, ସାନ ଦୁଇ ଭାଇଙ୍କର ହୃଦ୍‌ବୋଧ ହେଲା ଯେ ସେମାନଙ୍କଠାରୁ ସବୁ ଜମିବାଡ଼ି ଛଡ଼େଇ ନେବାପାଇଁ ମା'କୁ ପାଖରେ ରଖିବାର ଏକ ବାହାନା ମାତ୍ର କରିଛନ୍ତି, ବଡ଼ଭାଇ । ଯେଉଁଠି ମନରେ ପ୍ରଶ୍ନବାଚୀ, ସେଠି ପାଦ ଧୀର । ଲାଗୁଥାଏ ପାଦ ଆଗକୁ ଯାଉଥିଲା ଭଳି, କିନ୍ତୁ ପାଦ ପଛକୁ ଯାଉଥାଏ ।

ଦୁଇଭାଇ ଘରର ଦାଣ୍ଡ ବାରଣ୍ଡାକୁ ଆସି ବଡ଼ଭାଇକୁ ଯାହା ମନକୁ ଆସିଲା କହି ଶୋଧିବାକୁ ଲାଗିଲେ । ମାତ୍ର ଅନ୍ୟକୁ କାବୁ କରିବାର ପ୍ରକୃତ ଶକ୍ତି ଥାଏ ସ୍ନେହରେ, ଏକଥା ଅଜୁକୁ ବେଶ୍ ଭଲ ଭାବରେ ଜଣାଥାଏ ।

ଏକ ବଡ଼ଭାଇର କର୍ତ୍ତବ୍ୟ କରିବାକୁ ଯାଇ ଅଜୁ ସମସ୍ତ କାଗଜପତ୍ର ଦୁଇ ଭାଇଙ୍କ ହାତକୁ ବଢ଼େଇ ଦେଇ କହିଲେ, "ଆଦରର ଦୁଇ ଭାଇ ମୋର, ଆଉ କୌଣସି ଧନସମ୍ପତ୍ତିରେ ମୋର ଏବେ ପ୍ରୟୋଜନ ନାହିଁ । ସ୍ୱର୍ଗଠାରୁ ବଡ଼ ଦିବ୍ୟଜନନୀ ମାଆଙ୍କୁ ପାଇଗଲା ପରେ ଏ ତୁଚ୍ଛ ଜମିବାଡ଼ି ବା ମୋର କ'ଣ ହେବ ? ତୁମ୍ଭେମାନେ କାଳେ ସଂଶୟରେ ଥିବ, "ମାଆ ମୋ ନାଁରେ ସବୁ ଉଇଲ୍ କରିଦେଲା କି !! ଏଥିପାଇଁ ମୁଁ ତୁମ ଦୁହିଁଙ୍କର ସମସ୍ତ ସଂଶୟ ଦୂରକରି ଜଣାଇବାକୁ ଚାହେଁ କି ମୁଁ ମାଆକୁ ବୁଝାଇ ଦେବାରୁ ମାଆ ଶେଷରେ ସବୁ ଜମିବାଡ଼ି ତୁମ ଦୁଇଭାଇଙ୍କ ନାଁରେ ଉଇଲ୍ କରିଦେଇଛି, ଆଉ ସେ ଜମିବାଡ଼ିରେ ମୋର କିଛି ବି ଅଧିକାର ନାହିଁ, ଏକଥା ମଧ୍ୟ ଲେଖିଦେଇ ମୁଁ ଦସ୍ତଖତ ଦେଇ ସାରିଛି । ଏବେ ତୁମେ ଦୁଇଭାଇ ଜମିବାଡ଼ିର ସମସ୍ତ କାଗଜପତ୍ର ସହ ଏହି ଉଇଲ୍ ପେପର୍‌କୁ ନେଇ ଯତ୍ନରେ ରଖ । ଆଉ ମାଆକୁ କିମ୍ବା ମୋତେ ସନ୍ଦେହ କରନାହିଁ । ଶେଷକୁ ଦୁଇ ଭାଇଙ୍କୁ ଗୋଟିଏ ଅନୁରୋଧ, ତୁମ ଦୁହିଁଙ୍କ ପାଖରୁ ଗଲା ଦିନଠାରୁ ମାଆ ଆଖିରୁ ସବୁଦିନ ଲୁହ ଝରୁଛି । ଏ ଲୁହ ଆମ ସମସ୍ତଙ୍କ ପାଇଁ କ୍ଷତିକାରକ । ତେଣୁ ଥରୁଟିଏ ପାଇଁ ମୋ ଘରକୁ ଆସ, ମାଆର ପାଦ ଛୁଇଁ କ୍ଷମା ମାଗିବ, ଆଉ କେବେହେଲେ ମାଆ ମନରେ କଷ୍ଟ ଦେବନାହିଁ ବୋଲି ଶପଥ କରିବ । ଯାହାଫଳରେ ମାଆ ଆମର ଭାଙ୍ଗି ନ ପଡ଼ି ଆଉ କିଛି ବର୍ଷ ବଞ୍ଚିଯିବା ପାଇଁ ବଳ ପାଇଯିବ । ବାସ୍ ତା'ପରେ ଆମେ ତିନିଭାଇ ମିଶି ଭୋଜନ କରିବା ।"

ବଡ଼ଭାଇ ଅଜୁ ଏ କଥା କହି ଦୁଇ ଭାଇଙ୍କ ହାତକୁ ଫାଇଲ୍‌ଟି ବଢ଼ାଇଦେଲା ବେଳେ ଦୁଇଭାଇ ବିଜୁ ଓ ରାଜୁଙ୍କ ମୁହଁ ଲଜ୍ଜାରେ କଳା ପଡ଼ିଗଲା । ଅନୁତାପରେ ମୁଣ୍ଡ ନଇଁଗଲା । ପ୍ରେମ ବଦଳରେ ପ୍ରେମ ଦିଆଯାଏ, ବସ୍ତୁ କିମ୍ବା ବିଭବ ନୁହେଁ, ଏକଥା ଦୁହେଁଯାକ ହୃଦୟଙ୍ଗମ କଲେ । ରାମ ଭଳି ଭାଇକୁ ସେମାନେ କେତେ ହୀନ ଦୃଷ୍ଟିରେ ଦେଖିଥିଲେ ଆଉ ସନ୍ଦେହ କରୁଥିଲେ, ଏକଥା ଭାବି ସେମାନଙ୍କ ଆଖି ସଜଳ ହୋଇଆସିଲା, କଣ୍ଠ ବାଷ୍ପରୁଦ୍ଧ ହେଲା । ଦୁଇ ଭାଇଯାକ ଏକାସଙ୍ଗେ ବଡ଼ଭାଇ ଅଜୁର ପାଦ ଛୁଇଁ କରିଥିବା ଭୁଲ୍ ପାଇଁ ପ୍ରାୟଶ୍ଚିତ କଲେ, କ୍ଷମା ମାଗିଲେ । ପ୍ରକୃତରେ ବାଧାବିଘ୍ନ ହିଁ ମଣିଷକୁ ବଡ଼ କରିଥାଏ, ସୁବିଧା, ସୁଯୋଗ ନୁହେଁ ।

ଏବେ ତିନିଭାଇ ମାଆ ମମତା ଦେବୀଙ୍କ ସହ ମିଳିମିଶି ଗାଁରେ ସେହି ଗୋଟିଏ ଘରେ ଗୋଟିଏ ଛାତ ତଳେ ରହୁଛନ୍ତି । ସମସ୍ତଙ୍କର ମନ ଏଣିକି ଗଙ୍ଗା ପରି ନିର୍ମଳ, ପବିତ୍ର । ସାରା ଘରଟିରେ ଶାନ୍ତି, ସୁଖର ଲହରୀ ଖେଳୁଛି ।

# କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡାର ଗଣପର୍ବ ଧନଦାତ୍ରୀ ମା ଗଜଲକ୍ଷ୍ମୀଙ୍କ ପୂଜା ଏବେ ମହାସମାରୋହରେ ପାଳିତ ହେଉଛି । ଦିନକୁ ଦିନ ଲୋକଙ୍କ ଭିଡ ବଢିବାରେ ଲାଗିଛି । ବିଭିନ୍ନ ଲକ୍ଷ୍ମୀ ପୂଜା ମଣ୍ଡପ ପକ୍ଷରୁ ଭଜନ ସମାରୋହର ଆୟୋଜନ କରାଯାଉଛି । ଗତ ୨ବର୍ଷ ହେବ କରୋନା କଟକଣା ଭିତରେ ମା'ଙ୍କ ପୂଜା କରାଯାଉଥିଲା । ଫଳରେ ଲୋକମାନେ ଆଉ ପୂଜାର ମଜା ନେଇପାରୁନଥିଲେ । ଚଳିତ ବର୍ଷ କରୋନା କଟକଣା ନଥିବାରୁ ବହୁ ଜାକଜମକରେ କେନ୍ଦ୍ରାପଡାରେ ମା'ଙ୍କ ପୂଜା ଉତ୍ସବ ପାଳିତ ହେଉଛି । ଲୋକଙ୍କ ଭିଡକୁ ଦେଖି ବ୍ୟାପକ ପୋଲିସ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ଗଜଲକ୍ଷ୍ମୀ ପୂଜାସମୟରେ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସହରର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ୮ଟି ମସ୍‌ଜିଦକୁ ସୁରକ୍ଷା ବଳୟରେ ରଖାଯାଇଛି । ସହରରେ ପୂଜା ପାଉଥିବା ୬୯ଟି ଦୁର୍ଗା ମେଢ ଓ ଅନ୍ୟାନ୍ୟ ମେଢକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି । ସେଥିମଧ୍ୟରୁ 'କ' ଶ୍ରେଣୀ ମେଢ ୧୨ଟି, 'ଖ'ଶ୍ରେଣୀ ମେଢ ୨୩ଟି ଓ 'ଗ' ଶ୍ରେଣୀ ମେଢ ୩୪ଟି ରହିଛି । ଜିଲ୍ଲାର ୧୦ଟି ଥାନା ଏବଂ ସହରର ୯ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ୧୯ଜଣ ମ୍ୟାଜିଷ୍ଟ୍ରେଟଙ୍କୁ ଅବସ୍ଥାପିତ କରାଯାଇଛି । ୯ଟି ସମ୍ବେଦନଶୀଳ ମେଢ ପାଖରେ ଅହୋରାତ୍ର ପୋଲିସ ସୁରକ୍ଷା ବଳ ମୃତୟନ କରାଯାଇଥିବାବେଳେ ସହରର ୭ଟି ସ୍ଥାନରେ ସଶସ୍ତ୍ର ପୋଲିସ ବଳ ମୃତୟନ କରାଯାଇଛି । ଗ୍ରାମାଞ୍ଚଳରୁ ସହର ଭିତରକୁ ଥିବା ୧୦ଟି ସଂଯୋଗୀକରଣ ରାସ୍ତାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ସହରର ୨୬ଟି ଛକଜାଗାରେ ମଧ୍ୟ ପୋଲିସ ମୃତୟନ କରାଯାଇଛି । ୮ଟି ବାଇକରେ ଭିଡ ସମୟରେ ସହର ଭିତରେ ପୋଲିସ ସୁରକ୍ଷା ବଳ କର୍ମଚାରୀ ପଇଁତରା ମାରୁଛନ୍ତି । ଏଥିପାଇଁ ୨୪ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ରାତି ଗୋଟାଏରୁ ସକାଳ ୬ଟା ପର୍ଯ୍ୟନ୍ତ(ଜିରୋ ଆୱାର) ପାଇଁ ୩ଟି ବୋଲେରୋ ଗାଡିରେ ସହର ଭିତରେ ପୋଲିସ ପଇଁତରା ମାରିବାର ବ୍ୟବସ୍ଥା କରାଯାଇଛି । ୩ଜଣ ଡିଏସପି ୬ଘଣ୍ଟା କରି ପୁରୁଣା ବସଷ୍ଟାଣ୍ଡରେ ଥିବା ନିୟନ୍ତ୍ରଣ କକ୍ଷରେ ରହି ଇନିସପେକ୍ଟର ଓ ସବଇନିସପେକ୍ଟରଙ୍କ ସମେତ ୩ ସେକ୍‌ସନ ଫୋର୍ସ ଧରି ଦାୟିତ୍ୱ ନିର୍ବାହ କରୁଛନ୍ତି । ୧୨ଜଣ ପୋଲିସ କର୍ମଚାରୀଙ୍କୁ ଭିଡିଓଗ୍ରାଫି ଦାୟୀତ୍ୱରେ ରଖାଯାଇଛି । ୧୫ଜଣ ପୋଲିସ କର୍ମଚାରୀ ସାଧା ପୋଷାକରେ ଭିଡ ଭିତରେ ବୁଲୁଛନ୍ତି । ଏ ସବୁ କାର୍ଯ୍ୟ ତଦାରଖ ପାଇଁ ଜଣେ ଅତିରିକ୍ତ ଏସପି, ୯ଜଣ ଡିଏସପି, ୧୭ଜଣ ଇନିସପେକ୍ଟର ଓ ୨୯ଜଣ ସବଇନିସପେକ୍ଟରଙ୍କୁ ଦାୟିତ୍ୱରେ ରଖାଯାଇଛି । ଗଜଲକ୍ଷ୍ମୀ ପୂଜାପାଇଁ କେନ୍ଦ୍ରାପଡାକୁ ୨୨ପ୍ଲାଟୁନ ଫୋର୍ସ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ୧୬ ପ୍ଲାଟୁନ ପୋଲିସ ଫୋର୍ସକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି । ମେଲଣ ଏବଂ ଭସାଣୀ ସମୟରେ ଅବଶିଷ୍ଟ ୬ ପ୍ଲାଟୁନ ଫୋର୍ସଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତିନିମୁହାଣୀ, ଗରାପୁର ଡାକବଙ୍ଗଳା ଛକ, ନୂଆବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ, ବଡହାଟ ଓ କେଶପୁର ବଜାରରେ ସମୁଦାୟ ୬ଟି ଅସ୍ଥାୟୀ ଫାଣ୍ଡି ଖୋଲାଯାଇ ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଉଛି ।

# ଅଚ୍ୟୁତପୁର ସ୍କୁଲ ସାମ୍‌ନାରେ ଖାଲ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ଅଚ୍ୟୁତପୁରସ୍ଥିତ ଦାମୋଦର ସରକାରୀ ହାଇସ୍କୁଲ ସାମ୍‌ନାରେ ବଡ଼ ବଡ଼ ଖାଲ । ବର୍ଷା ହେଲେ ଖାଲରେ ପାଣି ଭର୍ତି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଶୁଖିଲା ପାଗରେ ଖାଲରେ ପଡ଼ି ପଥଚାରୀ ଓ ସାଇକଲ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି । ବିଶେଷ କରି ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘବର୍ଷ ହେଲା ଶାନ୍ତିବଜାର-କାଏମା ରାସ୍ତା ମରାମତି ହେଉନଥିବାରୁ ଏଠାରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ଉକ୍ତ ହାଇସ୍କୁଲକୁ ଗତ ଜୁନ୍ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସିଂରେ ଲୋକାର୍ପଣ କରିଥିଲେ । ଲୋକାର୍ପଣକୁ ଚାରିମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟାଳୟ କାମ ଶେଷହୋଇ ପାରୁନାହିଁ । ଦୀର୍ଘଦିନ ହେଲା ସ୍କୁଲ ସାମ୍‌ନାରେ ଚିପ୍ସ ଜମା ହୋଇଥିବା ବେଳେ ଇଟା ଓ ବାଲି ବି ପକାଯାଉଛି । ମନ୍ଥର ଗତିରେ ସ୍କୁଲରେ କାମ ହେଉଥିବାରୁ ପାଠପଢ଼ା ବାତାବରଣ ନଷ୍ଟ ହେଉଛି । ସେହିପରି ପ୍ରବେଶପଥ ରାସ୍ତାକୁ ଅଣଓସାରିଆ କରାଯାଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଉକ୍ତ ରାସ୍ତାରେ ଛାତ୍ରଛାତ୍ରୀ ସାଇକେଲ ରଖୁଥିବାବେଳେ କୌଣସି ବାହାର ଲୋକ କିମ୍ବା ଅଭିଭାବକ ବାଇକ୍ ରଖିଦେଲେ ଯାତାୟାତ ଠପ୍ ହୋଇଯାଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Friday May 17, 2024 ଭୁବନେଶ୍ବର ଶୁକ୍ରବାର, ମଇ ୧୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## କପିଳ ମୁନି ଆଶ୍ରମରେ ନୂତନ ଶନି ମନ୍ଦିର ବିଗ୍ରହ ପ୍ରତିଷ୍ଠା





ପାରାଦୀପ,(ପି.ଏନ): ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗ୍ରହଙ୍କ ଭିତରେ ସର୍ବଶ୍ରେଷ୍ଠ ଗ୍ରହରାଜ ହେଉଛନ୍ତି ଶନିଶ୍ଚର କ୍ଷ ପାରାଦୀପ ଅଞ୍ଚଳ ରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ନ ଥିବା କାରଣରୁ ଅନେକ ଦିନ ହେବ ପାରାଦୀପରେ ଗ୍ରହରାଜଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଚାଲିଥିବା ପ୍ରୟାସର ପୂର୍ଣ୍ଣଛେଦ ପଡିଛି । ପାରାଦୀପ ମଧୁବନ ଠାରେ ରହିଥିବା କପିଳମୁନି ଆଶ୍ରମ ପରିସରରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ସ୍ଥାପନ ସହିତ ବିଶାଳ କଳସ ଶୋଭାଯାତ୍ରା ପାରାଦୀପ ପରିକ୍ରମା କରିଛି । ପାରାଦୀପ ଗଡରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ଥିବାବେଳେ ପାରାଦୀପ ର ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିବାକୁ ଅନେକ ବ୍ୟାକୁଳ ହେଉଥିଲେ । ଏଥିରେ ପୂର୍ଣ୍ଣଛେଦ ପଡିବା ସହିତ ପାରାଦୀପ ମଧୁବନ ଠାରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା ପରେ ଶ୍ରଦ୍ଧାଳୁଙ୍କ ମହଲରେ ଏକ ଆନନ୍ଦର ଲହରୀ ଖେଳିଯାଇଛି । ସକାଳ ଠାରୁ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଉତ୍ସାହର ସହ କଳସ ଶୋଭାଯାତ୍ରା ରେ ଭଗନେବା ସହିତ ପାରାଦୀପ ରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ନିକଟରେ ରୁଣ୍ଡ ହୋଇ ନିଜ ନିଜର ମାନସିକ ରଖିଛନ୍ତି । ତିନିଦିନ ବ୍ୟାପି ଏହି ଉତ୍ସବ ସଫଳତାର ସହ ଶନିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଅବସରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ଗ୍ରହରାଜଙ୍କ ଦର୍ଶନ ସମେତ ପ୍ରସାଦ ସେବନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ କୁ ବାବା ବୈକୁଣ୍ଠ ବିହାରୀ ଦାସ,କପିଳ ମୁନି ସେବା ଟ୍ରଷ୍ଟ ର ପରିଚାଳନା ଟ୍ରଷ୍ଟି ବିଜୟ କୁମାର ନାୟକ, ରାଜେନ୍ଦ୍ର କୁମାର ପରିଡା, ରମଣ ଦାଶ, ସୂର୍ଯ୍ୟକାନ୍ତ ସାହୁ ଙ୍କ ସମେତ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଓ ସଦସ୍ୟା ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ଶନିଶ୍ଚର ମନ୍ଦିରରେ ଜଳାଭିଷେକ କଲେ ମହିଳା



ଜେନାପୁର,(ପି.ଏନ୍) : ପୁରାଣ ବର୍ଣ୍ଣିତ ଗ୍ରହରାଜ ଶନିଦେବଙ୍କର ଆଜି ଶନିଓଷା । ଧର୍ମଶାଳା ବିଭିନ୍ନ ଅଞ୍ଚଳ ପରି ଦଇପୁର ଗ୍ରାମରେ ଶନିଶ୍ଚର ମନ୍ଦିରରେ ମହିଳାମାନେ ଜଳାଭିଷେକ କରିଥିଲେ । ଆଜି ପ୍ରାତ ସମୟରୁ ମନ୍ଦିରକୁ ଜଳ ଦ୍ଵାରା ସଫେଇ କରି ଯାଥା ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା କରାଯିବା ସହ ହୋମ ଯଜ୍ଞ କରାଯାଇଥିଲା । ଏହି ପୂଜାରେ ପୂଜକ ପ୍ରିୟନାଥ ପଣ୍ଡା ଉପସ୍ଥିତ ରହି ଭକ୍ତମାନଙ୍କ ଭୋଗ ଠାକୁରଙ୍କ ପାଖରେ ପାଣି ଛଡାଇ ଅର୍ପଣ କରିଥିଲେ । ଶନିଦେବଙ୍କ ନିକଟରେ ଜଳାଭିଷେକ ସହ ଦର୍ଶନ ପାଇଁ ଗ୍ରାମର ମହିଳାମାନେ ରୁଣ୍ଡିଭୂତ ହୋଇଥିଲେ । ଭକ୍ତମାନେ ସ୍ଥାନୀୟ ପାଖରେ ଥିବା କୂଅରୁ ଜଳ ଆଣି ଜଳାଭିଷେକ କରିଛନ୍ତି । ଆଜିର ଦିନରେ ଶନିଦେବଙ୍କ ନିକଟରେ ଅଭିଷେକ କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ଵାସ ଭକ୍ତମାନଙ୍କର ରହିଛି । ଗ୍ରହରାଜ ସମସ୍ତଙ୍କ ଗ୍ରହଇଷ୍ଟ ଖଣ୍ଡନ କରନ୍ତି ବୋଲି ପ୍ରମାଣ ରହିଆସିଛି । ପୂଜାରେ ଗ୍ରାମର ଶତାଧିକ ମହିଳାମାନେ ଆସି ପୂଜା ଅର୍ଚ୍ଚନା କରି ସାରି ଗୃହକୁ ଫେରିଯାଇଥିଲେ ।

## ନିର୍ବାଚନୀ ଋତୁରେ କେବଳ ମୁଠାଏ ଆଲମଣ୍ଡ ସକ୍ରିୟ ଏବଂ କର୍ମତତ୍ପର ରଖିପାରିବ

ଭୁବନେଶ୍ଵର,(ପି.ଏନ): ଭାରତରେ ଆଗେଇ ଚାଲିଥିବା ସାଧାରଣ ନିର୍ବାଚନ ପର୍ବ, ଯାହା ଅପ୍ରେଲ ୧୯ରୁ ଆରମ୍ଭ ହୋଇଛି ଏବଂ ଜୁନ ୧ ପର୍ଯ୍ୟନ୍ତ ଚାଲିବ ଏହାରି ଭିତରେ ରାଜନୈତିକ ଦଳର ସମସ୍ତ କର୍ମକର୍ତ୍ତା ପଦାକୁ ବାହାରିଛନ୍ତି। ଏହି ଧକାଧକି ମଧ୍ୟରେ ଆଲମଣ୍ଡ ଏକ ପ୍ରମୁଖ ଉତ୍ସ ତଥା ସବୁ ପୋଷଣଗୁଡ଼ିକୁ ଧରି ରଖିବାରେ ନିଜକୁ ଆଗକୁ ଆଣିପାରିଛି ଯାହାକି ସେହି କାର୍ଯ୍ୟକର୍ତ୍ତା ମାନଙ୍କୁ ସାରା ଦିନ ସ୍ଫୁର୍ତ୍ତି, ଚଳଚଞ୍ଚଳତା ଏବଂ କର୍ମତତ୍ପରତା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ହାତମୁଠାଏ ଆଲମଣ୍ଡ ଅତି ସହଜ ଭାବରେ ଧରା ଯାଇ ଏହାକୁ ଏସବୁ କାର୍ଯ୍ୟକ୍ରମରେ ଯିବା ସମୟରେ ସହଜରେ ଖାଇ ହୋଇଥାଏ। ଏଭଳି ଏକ ନିର୍ବାଚନୀ ଧାରାର ବ୍ୟସ୍ତବହୁଳତା ମଧ୍ୟରେ ନିଜକୁ ଚଳଚଞ୍ଚଳ, କର୍ମତତ୍ପର, ସ୍ଫୁର୍ତ୍ତି ସର୍ବୋପରି ନିରୋଗ ରଖିବା ପାଇଁ ଆଲମଣ୍ଡ ଭଳି ଗୋଟିଏ ଅବିଶ୍ଵସନୀୟ ସୁବିଧାଜନକ ପୌଷ୍ଟିକ ସମାଧାନକାରୀ ତତ୍ତ୍ୱ ଉପରେ ନିଶ୍ଚିତ ଭାବରେ ଭରସା ରଖିବା ଏକାନ୍ତ ଆବଶ୍ୟକ। ଏଥିରେ ନିଜ ମତ ପ୍ରକାଶ କରି ରିତିକା ସମାଦ୍ଦାର, ଆଞ୍ଚଳିକ ମୁଖ୍ୟ ଡ଼ାଇଟେଟିକ୍ସ ମ୍ୟାକ୍ସ ହେଲ୍ଥକେୟାର, ନୂଆଦିଲ୍ଲୀ କହିଛନ୍ତି,“ ଏହି ନିର୍ବାଚନୀ ବ୍ୟସ୍ତବହୁଳ ସଂଘର୍ଷପୂର୍ଣ୍ଣ ସମୟ ମଧ୍ୟରେ ଉଚ୍ଚଶକ୍ତି ତଥା କର୍ମତତ୍ପରତା ପରିଚାଳନା କରିବା ସବୁଠାରୁ ପ୍ରାଥମିକ କାର୍ଯ୍ୟ ହୋଇପାରିଛି। ଅନୁକୂଳତମ ପ୍ରାକୃତିକ ଏବଂ ଶରୀର ପୋଷଣକାରୀ ଶକ୍ତି ସ୍ତର ତଥା ଶରୀରକୁ ମୋଟାମୋଟି ଭାବରେ ନିରୋଗତା ପ୍ରଦାନ କରିବା ପାଇଁ ଆଲମଣ୍ଡରେ ଭରି ରହିଛି ଭିଟାମିନ୍ ଇ, ପ୍ରୋଟିନ୍ ତଥା ମାଗ୍ନେସିୟମ ଭଳି ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତାର ବିଶେଷ ଗୁଣ।”

## କଣିହାଁ ରେ ବିଜେପିର ପ୍ରଚାର ପାଇଁ ରାଜସ୍ଥାନର ସଂସଦୀୟ ବ୍ୟାପାର ମନ୍ତ୍ରୀ ଯୁଗରାମ ପଟେଲ



କଣିହାଁ/ତାଳଚେର:(ପି.ଏନ): ତାଳଚେର ନିର୍ବାଚନ ମଣ୍ଡଳୀ ରେ ବିଜେପିର ପ୍ରଚାର ଯୋରଦାର ଚାଲୁ ରହିଛି ।ସମସ୍ତ ଛଅ ଟି ମଣ୍ଡଳ ରେ କାର୍ଯ୍ୟକର୍ତା ମାନେ ଘର କୁ ଘର ଯାଇ ବିଜେପି ଢେଙ୍କାନାଳ ଲୋକସଭା ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଓ ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଙ୍କ ପାଇଁ ପ୍ରଚାର କରୁଛନ୍ତି ।ଆଜି ଶନିବାର ତାଳଚେର ନିର୍ବାଚନ ମଣ୍ଡଳୀ କଣିହାଁ ମଣ୍ଡଳ ରେ ବିଜେପି ର ବରିଷ୍ଠ ନେତା ରାଜସ୍ଥାନ ର ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଯୁଗରାମ ପଟେଲ ଯୋଗ ଦେଇଥିଲେ ।ସାରା ଓଡିଶା ଏବେ ମୋଦିମୟ ,ବିକଶିତ ଭାରତ ,ବିକଶିତ ଓଡିଶା ,ବିକଶିତ ତାଳଚେର ପାଇଁ ବିଜେପି କୁ ଭୋଟ ଦେଇ ଡବଲ ଇଞ୍ଜିନ ସରକାର କରିବା ସହ ଏ ଅଂଚଳରେ ବିଜେପି ର ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଏବଂ ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆହ୍ଵାନ ଦେଇଥିଲେ ।କଣିହାଁ ମଣ୍ଡଳ ର ବିଭିନ୍ନ ପଂଚାୟତ କୁ ଗସ୍ତ କରି ସମୀକ୍ଷା ବୈଠକ ରେ କାର୍ଯ୍ୟକର୍ତା ଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ବିଜେପି ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଉପସ୍ଥିତ ଥିଲେ ।ଆଜିର କାର୍ଯ୍ୟକ୍ରମରେ ବିଜେପି ଢେଙ୍କାନାଳ ପାର୍ଲାମେଣ୍ଟ ବିସ୍ତାରକ ପ୍ରଦୀପ ବିଶ୍ଵାଳ, ଢେଙ୍କାନାଳ ପାର୍ଲାମେଣ୍ଟ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ସମ୍ପାଦକ ସମୋନାଥ ରାଉତ,ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ,ବରିଷ୍ଠ ନେତା ଲୋକନାଥ ସାହୁ ,ଅଭିନ ସାହୁ, ଅଭୟ ସାହୁ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଆଲମ ଉପହାର ସହିତ ଏକ ସ୍ୱାସ୍ଥ୍ୟକର ଉପାୟରେ ପାଳନ୍ତୁ ମାତୃ ଦିବସ

ଭୁବନେଶ୍ଵର,(ପି.ଏନ): ଏହି ମାତୃ ଦିବସରେ ମାଙ୍କର ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦେଇ ଆଲମରେ ସଜ୍ଜିତ ଏକ ବାକ୍ସ ଉପହାର ଦେବା ଏକ ବିଚାରବନ୍ତ ଉପାୟ ହେବ । ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରୁଥିବା କିଛି ଅତ୍ୟାବଶ୍ୟକ ପୋଷକତତ୍ତ୍ୱରେ ଭରପୁର ହୋଇଥିବା ଆଲମ ମାତୃ ଦିବସ ପାଇଁ ଏକ ଆଦର୍ଶ ଉପହାର ବିକଳ୍ପ ଅଟେ । ଅନ୍ୟାନ୍ୟ ତତ୍ତ୍ୱ ସହିତ ପ୍ରୋଟିନ, ଜିଙ୍କ, ମ୍ୟାଗ୍ନେସିୟମ, ଲୌହ, କ୍ୟାଲସିୟମ, ଫସଫରସ ଏବଂ ଭିଟାମିନ-ଇ ଆଲମରେ ରହିଛି । ଏକ ଉତମ ସନ୍ତୁଳିତ ଆହାରର ଅଂଶ ଭାବରେ ଦୈନିକ ମୁଠାଏ ଆଲମ ଖାଇବା ଦ୍ୱାରା ରକ୍ତଶର୍କରା ସ୍ତରର ଉନ୍ନତ ନିୟନ୍ତ୍ରଣ, ହୃଦରୋଗକୁ ପ୍ରୋତ୍ସାହନ, ଚର୍ମସ୍ୱାସ୍ଥ୍ୟକୁ ସମର୍ଥନ ଏବଂ ଓଜନ ନିୟନ୍ତ୍ରଣରେ ସାହାଯ୍ୟ ହେବା ସହିତ ଅନେକ ସ୍ୱାସ୍ଥ୍ୟ ଉପକାର ମିଳିପାରେ । ତେଣୁ ଆପଣଙ୍କ ମାଙ୍କର କଲ୍ୟାଣରେ ମଧ୍ୟ ଯୋଗଦାନ କରୁଥିବା ଆଲମର ଏକ ବାକ୍ସ ଉପହାର ଦେଇ ଏହିମାତୃ ଦିବସରେ ଆପଣଙ୍କ ମାଙ୍କ ପ୍ରତି ପ୍ରେମ ଏବଂ ଯତ୍ନ ଦେଖାଇବା ପାଇଁ ଏକ ବିଚାରବନ୍ତ ଉପାୟ ହୋଇପାରିବ । ବଲିଉଡ ଅଭିନେତ୍ରୀ ଏବଂ ସେଲିବ୍ରିଟି ସୋହା ଅଲି ଖାନ କହିଛନ୍ତି, “ମୋ ପରିବାରରେ ପିଢ଼ି ପରେ ପିଢ଼ି ସ୍ନେହ ପ୍ରଦର୍ଶନ ପାଇଁ ଆଲମ ଏକ ପରମ୍ପରା ହୋଇଆସିଛି, ମୋ ମା’ଙ୍କ ବୁଦ୍ଧିମତାକୁ ଧନ୍ୟବାଦ । ଏହାକୁ ମୋ ପରିବାର ଆହାରର ଏକ ସ୍ଥିର ଅଂଶ ଭାବରେ ମଧ ମୁଁ ନିଶ୍ଚିତ କରିଥାଏ । ଏହି ମାତୃ ଦିବସରେ ମାମାନଙ୍କୁ ଆଲମ ଉପହାର ଦେବା ଏକ ଉପଯୁକ୍ତ ବିକଳ୍ପ ବୋଲି ମୁଁ ବିଶ୍ୱାସ କରେ । ଫିଟନେସ ଏବଂ ସେଲିବ୍ରିଟି ପ୍ରଶିକ୍ଷକ ୟସ୍ମିନ କରାଚିୱାଲା କହିଛନ୍ତି, “କପର, ଜିଙ୍କ, ଫୋଲେଟ, ଲୌହ, ଭିଟାମିନ ଇ, ମ୍ୟାଗ୍ନେସିୟମ, ଏବଂ ଫସଫରସ ଭଳି ୧୫ଟି ଜରୁରୀ ପୋଷକତତ୍ତ୍ୱରେ ଭରପୂର ହୋଇଥିବା ଆଲମ ବିଭିନ୍ନ ସ୍ୱାସ୍ଥ୍ୟଲାଭ ପ୍ରଦାନ କରିଥାଏ । ଏଥିସହ ମାଂସପେଶୀ ବୃଦ୍ଧି ଏବଂ ରକ୍ଷଣାବେକ୍ଷଣ ପାଇଁ ଗୁରୁତ୍ୱପୂ ପୋଷକତତ୍ତ୍ୱ ପ୍ରୋଟିନର ଏହା ଏକ ସମୃଦ୍ଧ ଉତ୍ସ । ସେଥିପାଇଁ ସ୍ୱାସ୍ଥ୍ୟ ଏବଂ ଯତ୍ନର ପ୍ରତୀକ ଆଲମ ନିଶ୍ଚିତ ଭାବରେ ମାତୃ ଦିବସ ପାଇଁ ଏକ ସୁଚିନ୍ତିତ ଉପହାର ବୋଲି ମୁଁ ହୃଦବୋଧ କରୁଛି । ମ୍ୟାକ୍ସ ହେଲଥକେୟାର, ନୂଆଦିଲ୍ଲୀ, ଡାଏଟେଟିକ୍ସର ଆଂଚଳିକ ମୁଖ୍ୟ ରିତିକା ସମାର ମଧ ଏହିମାତୃ ଦିବସରେ ଦେବା ପାଇଁ ଆଲମ ଏକ ବଡ ଉପହାର ବୋଲି ବିଶ୍ୱାସ କରନ୍ତି ।

## ପଶ୍ଚିମ ଓଡ଼ିଶାରେ ପୁରନ୍ଦର ମିଶ୍ରଙ୍କର ତୋଫାନୀ ପ୍ରଚାର




ଭୁବନେଶ୍ବର ,(ପି.ଏନ); ରାୟପୁର ନଗର ଉ ରର ବିଧାୟକ ଏବଂ ଓଡ଼ିଶା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ସହପ୍ରଭାରୀ ପୁରନ୍ଦର ମିଶ୍ର ପଶ୍ଚିମ ଓଡ଼ିଶାରେ ଦଳୀୟ ପ୍ରାର୍ଥୀ ମାନଙ୍କ ପାଇଁ ତୋଫାନୀ ପ୍ରଚାରରେ ଲାଗିଥିବା ଜଣାଯାଇଛି ।ଶ୍ରୀ ମିଶ୍ର ସମ୍ବଲପୁରର ରେଙ୍ଗାଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଠେମରା ଓ ଡୁଙ୍ଗୁରିପଡା ଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇ ଲୋକସଭା ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାନସଭା ପ୍ରାର୍ଥୀ ନାଉରି ନାୟକଙ୍କ ସପକ୍ଷରେ ବିପୁଳ ସଂଖ୍ୟାରେ ଭୋଟଦାନ କରିବାକୁ ନିବେଦନ କରିଥିଲେ। ବିଜୁ ଜନତା ଦଳର ସରକାର ଦୀର୍ଘ ୨୪ ବର୍ଷ କାଳ ଶାସନ କରିବା ପରେ ମଧ, ଏଠାକାର ଗ୍ରାମବାସୀମାନଙ୍କ ପାଇଁ ଶୌଚାଳୟ ନଥିବା ଏବଂ ସ୍ନାନ କରିବା ସକାଶେ ପାଣିର ଘୋର ସଙ୍କଟ ରହିଥିବା ବିଷୟ ଲୋକମାନେ ଅଭିଯୋଗ କରିଥିଲେ। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେଲେ ତୁରନ୍ତ ଗ୍ରାମବାସୀମାନଙ୍କର ଏହି ମୌଳିକ ସମସ୍ୟା ଗୁଡିକ ସମାଧାନ କରାଯିବ ବୋଲି ଶ୍ରୀ ମିଶ୍ର ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଓଡ଼ିଶା ପ୍ରାକୃତିକ ପ୍ରାଚୁର୍ଯ୍ୟରେ ଭରପୁର ହୋଇଥିଲେ ସୁଦ୍ଧା ଶାସକ ବିଜେଡି ସରକାର ଗରିବୀ ଓ ବେକାରୀ ସମସ୍ୟାକୁ ଦୂର କରିବା ପାଇଁ କିଛି କରିନଥିବା ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ। ରାଜ୍ୟର ଅସ୍ମିତା ବ ମାନ ବିପଦାପନ୍ନ ହୋଇଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ବିଜେପି ସରକାର କ୍ଷମତାକୁ ଆସିଲେ ଧାନ କ୍ୱି ାଲ ପିଛା ୩୧୦୦/ଟଙ୍କା, ମହିଳାମାନଙ୍କୁ ସୁଭଦ୍ରା ଯୋଜନା ଅଧୀନରେ ମାସକୁ ୩୦୦୦/- ଟଙ୍କା ଏବଂ ରାଜଧାନୀ ଭୁବନେଶ୍ଵରରୁ ରାଜ୍ୟର ଦୂରଦୁରାନ୍ତ ଅ ଳ ଗୁଡିକୁ ପ୍ରାୟ ୭୫ହଜାର କିଲୋମିଟର ଦୀର୍ଘ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ରାସ୍ତା ନିର୍ମାଣ କରି ସଂଯୋଗ କରାଯିବ ବୋଲି ଶ୍ରୀ ମିଶ୍ର ଘୋଷଣା କରିଥିଲେ।ଏହି ସଭାରେ ବିଜେପିର ବରିଷ୍ଠ ନେତ୍ରୀ ନିବେଦିତା ନାୟକ ମଧ ଉଦବୋଧନ ଦେଇଥିଲେ ଓ ବରଗଡ଼ ଲୋକସଭା ଅନ୍ତର୍ଗତ ଭଟଲିଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧନ କରି ଶ୍ରୀ ମିଶ୍ର, ଓଡ଼ିଶାରେ ଏବେ ପରିବ ନର ଲହରୀ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିବା ପ୍ରକାଶ କରିଥିଲେ। ନରେନ୍ଦ୍ର ମୋଦୀଙ୍କୁ ଦେଶର ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ବନାଇବାକୁ ଓଡ଼ିଶାବାସୀ ଇଚ୍ଛୁକ ଥିବା ସେ ସୁଚାଇଥିଲେ।ବିଜେପିର ଘୋଷଣା ପତ୍ରକୁ ଲୋକମାନେ ବେଶ ପସନ୍ଦ କରୁଥିବା ଶ୍ରୀ ମିଶ୍ର ଜଣାଇଥିଲେ। ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଏହି ସଭାରେ ସାମିଲଥିବା ବିଧାନସଭା ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟଙ୍କୁ ଜୟଯୁକ୍ତ କରିବାକୁ ପୁରନ୍ଦର ମିଶ୍ର ଉପସ୍ଥିତ ଥିବା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସଭାରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ସାରଂଗଡ଼ର ପୂର୍ବତନ ବିଧାୟକ କେରାଭାଇ ମନହର,ମହାସମୁନ୍ଦର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଛତର ସିଂହ ନାୟକ ଏବଂ ସରାଇପାଲିର କର୍ପୋରେଟର ସ୍ୱରଣ ସିଂହ ସାଲୁଜା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray